


# ଶ୍ରୀମନ୍ଦିର ସମାଚାର

## SHREE JAGANNATH TEMPLE BULLETIN

ଡିସେମ୍ବର-୨୦୨୦ DECEMBER - 2020


# ଶ୍ରୀମନ୍ଦିରରେ ଶ୍ରୀବିଗ୍ରହମାନଙ୍କର ଦେବାଭିଷେକ ଉତ୍ସବ

ଲୀଳାମୟ ଶ୍ରୀଜଗନ୍ନାଥ ମହାପ୍ରଭୁ ହେଉଛନ୍ତି ଉତ୍ସବ ପ୍ରିୟ ଠାକୁର । ସେଥିପାଇଁ ବର୍ଷର ପ୍ରତ୍ୟେକ ମାସରେ ଶ୍ରୀମନ୍ଦିରରେ ବିଭିନ୍ନ ଯାତ୍ରା ମହୋତ୍ସବର ବିଧାନ ମହାପ୍ରଭୁ ସ୍ୱୟଂ କରିଅଛନ୍ତି । ସମ୍ମୋହନ ତନ୍ତ୍ରରେ ଉଲ୍ଲେଖ ରହିଛି-

ନିତ୍ୟୋତ୍ସବୋ ନିତ୍ୟସୌଖ୍ୟୋ ନିତ୍ୟ ଶ୍ରୀର୍ନିତ୍ୟମଙ୍ଗଳଃ ।
ବ୍ୟୁହାର୍ଚ୍ଚିତୋ ଜଗନ୍ନାଥଃ ଶ୍ରୀବୈକୁଣ୍ଠପୁରାଧିପଃ ॥



ବିଭିନ୍ନ ଯାତ୍ରା ମହୋତ୍ସବରେ ନିଜର ପ୍ରିୟ ଭକ୍ତମାନଙ୍କ ସହିତ ନାନାବିଧ ଲୀଳା କରିବାକୁ ମହାପ୍ରଭୁ ସଦା ତତ୍ପର । ଶ୍ରୀମନ୍ଦିରରେ ପାଳିତ ହେଉଥିବା ପ୍ରସିଦ୍ଧ ଦ୍ୱାଦଶଯାତ୍ରାମାନଙ୍କ ମଧ୍ୟରେ ପୌଷ ପୂର୍ଣ୍ଣିମା ଦିନ ଅନୁଷ୍ଠିତ ହେଉଥିବା ଶ୍ରୀବିଗ୍ରହମାନଙ୍କର ଦେବାଭିଷେକ ଉତ୍ସବ ଅନ୍ୟତମ । ପୌରାଣିକ ତଥ୍ୟ ଅନୁଯାୟୀ ମର୍ଯ୍ୟାଦାପୁରୁଷୋତ୍ତମ ପ୍ରଭୁ ଶ୍ରୀରାମଚନ୍ଦ୍ର ଚଉଦ ବର୍ଷ ବନବାସ ପରେ ଅଯୋଧ୍ୟାକୁ ପ୍ରତ୍ୟାବର୍ତ୍ତନ କରି ପୌଷପୂର୍ଣ୍ଣିମା ତିଥିରେ ସିଂହାସନରେ ଅଭିଷିକ୍ତ ହୋଇଥିଲେ । ସେହି ସ୍ମୃତିରେ ଶ୍ରୀମନ୍ଦିରରେ ପ୍ରତିବର୍ଷ ଏହି ପବିତ୍ର ତିଥିରେ ମହାପ୍ରଭୁଙ୍କର ଅଭିଷେକ ଉତ୍ସବ ପାରମ୍ପରିକ ରୀତିରେ ଅନୁଷ୍ଠିତ ହୋଇଥାଏ । ଯାତ୍ରାଭାଗବତରେ କୁହାଯାଇଛି-

ପୌଷେ ମାସି ସିତେ ପକ୍ଷେ ପୌର୍ଣ୍ଣମ୍ୟାଂ ରକ୍ମିଣୀପତେଃ ।
ପୁଷ୍ୟାଭିଷେକଂ କୁର୍ବୀତ ସର୍ବକାମାର୍ଥସିଦ୍ଧୟେ ॥ (ଯାତ୍ରା ଭାଗବତ)

ଅଭିଷେକୋତ୍ସବ ପୌଷପୂର୍ଣ୍ଣିମା ଦିନ ପାଳନ କରାଯାଉଥିଲେ ମଧ୍ୟ ଏହି ଉତ୍ସବର ଆନୁସଙ୍ଗିକ କାର୍ଯ୍ୟ ପୌଷ ଶୁକ୍ଳ ଏକାଦଶୀ ଦିନ ଠାରୁ ଆରମ୍ଭ ହୋଇଥାଏ । ଏହି ଦିନ ସନ୍ଧ୍ୟାଧୂପ ପରେ ଅଙ୍କୁରାରୋପଣ ହୋଇଥାଏ । ଏବେ ଏହା ଏକାଦଶୀରେ କରା ନ ଯାଇ ପୂର୍ଣ୍ଣିମା ପୂର୍ବଦିନ କରାଯାଉଛି । ପୌଷ ଶୁକ୍ଳ ଚତୁର୍ଦ୍ଦଶୀ ଦିନ ରାତ୍ରିରେ ଶ୍ରୀଜୀଉମାନଙ୍କର ଚନ୍ଦନଲାଗି ବଢ଼ିବା ପରେ ଅଧିବାସ କର୍ମ ଅନୁଷ୍ଠିତ ହୁଏ । ଏଥିନିମନ୍ତେ ଭୋଗମଣ୍ଡପ ଗୃହ ଧୋପଖାଳ ହୋଇ ସେଠାରେ ଚାନ୍ଦୁଆ ବନ୍ଧାଯାଏ । ଏକହାଣ୍ଡି ଗୁଆଘିଅ ଓ ରୋଷ କୂଅରୁ ନୂଆ ହାଣ୍ଡିରେ ପାଣି ଅଣାଯାଏ । ଘିଅକୁ ୨୧ ଗରାରେ ଓ ପାଣିକୁ ୮୭ ଗରାରେ ବିଭକ୍ତ କରାଯାଇ ଚାରି ପନ୍ତିରେ ଚାନ୍ଦୁଆ ତଳେ ରଖାଯାଇ ଚେମେଡ଼ି ପତନି (ଏକପ୍ରକାର ପବିତ୍ର କନା) ଘୋଡ଼ାଯାଇ ଫୁଲ ଚନ୍ଦନ ଦିଆଯାଇ ଅଭିମନ୍ତ୍ରିତ କରାଯାଇଥାଏ । ମନ୍ତ୍ରପାଠ ପୂର୍ବକ ଅଧିବାସ କର୍ମ ବଢ଼ିବା ପରେ ଦୁଆରମାନ ବନ୍ଦ ହୋଇ ମୁଦ ଦିଆଯାଏ । ଅଧିବାସ ନିମନ୍ତେ ରଖାଯାଇଥିବା ସତାଅଶୀ ଜଳଗରା ତିନି ବାଡ଼ରେ ପଚିଶ ଗରା ଲେଖାଏଁ ଓ ସୁଦର୍ଶନଙ୍କ ବାଡ଼ରେ ବାର ଗରା ରଖାଯାଇଥାଏ । ସେହିପରି ଘିଅକୁ ତିନି ବାଡ଼ରେ ଛଅ ଗରା ଲେଖାଏଁ ଓ ସୁଦର୍ଶନଙ୍କ ବାଡ଼ରେ ତିନି ଗରା ରଖାଯାଇ ଅଧିବାସ ବଢ଼ିଥାଏ । ଏହାପରେ ଭିତରେ ପାଣିପଡ଼ି ବଡ଼ସିଂହାର ଭୋଗ ରୋଷକୁ ଡକାଯାଏ । ଛେକ ଆସିଲେ ପଞ୍ଚୋପଚାରରେ ପୂଜା ବଢ଼ି ପୁନର୍ବାର ଭିତରେ ପାଣି ପଡ଼ି ଧୋପଖାଳ ସରିଲେ ଭଦ୍ରାସନ ଉପରେ ପାହାଡ଼ା ପଡ଼ି ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ସମ୍ମୁଖରେ ମନ୍ତ୍ରପୂତ ପୁଷ୍ପ ଓ ଚନ୍ଦନାଦି ଦ୍ୱାରା ଦର୍ପଣ ଅଧିବାସ କରାଯାଏ । ଭଦ୍ରାସନର ଚାରିପଟେ ଚିର୍କିଟା ମାଟିରେ ବନ୍ଧ ଦିଆଯାଏ । ଏସବୁ କର୍ମ ସରିଲେ ପଇଡ଼, ବିଡ଼ିଆ ଘସା ମଣୋହି ହୋଇ ପହୁଡ଼ ହୁଏ । ପୌଷ ପୂର୍ଣ୍ଣିମା ଦିନ ସକାଳ ଧୂପ ପୂଜା ବସିଥିବା ବେଳେ ପ୍ରତିହାରୀ ନିଯୋଗ ସମ୍ମୁଖ ଭାଗରେ ହୋମ କାର୍ଯ୍ୟ କରାଯାଇଥାଏ । ସକାଳ ଧୂପ ପରେ ପାଣିପଡ଼ି କେବଳ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କର ମଇଲମ ହୋଇ ତଡ଼ପ ଓ ଉତ୍ତରୀ ଲାଗି ବଢ଼େ । ଏହାପରେ ଗମ୍ଭୀରାରେ ପାଣିପଡ଼ି ମହାସ୍ନାନ ପୂଜାଠା' ହୋଇଥାଏ । ପୂର୍ବଦିନ ଅଧିବାସ ହୋଇଥିବା ଭୋଗମଣ୍ଡପ ଘର ମୁଦ ଖୋଲାଯାଇ ରୋଷଘରୁ ନିଆଁ ଅଣାଯିବା ପରେ ସେଥିରେ ଘିଅ ତରଳା ଯାଇ ଅଧିବାସିତ ଜଳରେ ମିଶ୍ରଣ କରାଯାଇଥାଏ । ଭିତର ଓ ବାହାର ଟେରା ବନ୍ଧାଯାଇ ଭୋଗମଣ୍ଡପ ଘରଠାରୁ ଜଳଛେକ ଅଣାଯିବା ନିମନ୍ତେ ଡାକରା ଗଲେ ବାଘମୁହାଁ ବନ୍ଧାଯାଇଥିବା ଗରାବଡୁ ସେବକମାନେ ଭୋଗମଣ୍ଡପ ଘରୁ ଗରାମାନଙ୍କୁ ହାତରେ ଧରି ଘଣ୍ଟ ଛତା କାହାଳୀ ସହ ପଟୁଆରରେ ଚାରିଥରରେ ନେଇ ଚାରି ପନ୍ତିରେ ସଜ୍ଜିତ କରି ରଖନ୍ତି । ଏହା ଉତ୍ତାରେ ଶୀତଳ ଭୋଗ ଡାକିଗଲେ ଛେକ ଆସିବା ପରେ ଶ୍ରୀଅଙ୍ଗରେ ପ୍ରସାଦ ଲାଗି ବଢ଼ି ପଞ୍ଚୋପଚାର ପୂଜା ବିଧିରେ ଧୂପ, ଦୀପ ଓ ନୈବେଦ୍ୟ ଦାନ ପରେ ଜଳଲାଗି ହୋଇଥାଏ । ଜଳଛେକ ଆଣିଥିବା ଗରାବଡୁ ସେବକମାନେ ପୂଜକଙ୍କ 'ଦର୍ପଣ' ଉପରିସ୍ଥ ଅଭିଷେକ ପାତ୍ରରେ ଜଳଲାଗି କରିଥାନ୍ତି । ଏହି ଅଭିଷେକ କେବଳ ଶ୍ରୀଜଗନ୍ନାଥଙ୍କ ବାଡ଼ରେ ହୋଇଥାଏ । ଏହାପରେ ପାଣି ପଡ଼ି ମୈଲମ ଓ ନୂଆଲୁଗା ଲାଗି ବଢ଼ିବା ପରେ ରୂପା ପିଙ୍ଗଣମାନଙ୍କରେ ଚନ୍ଦନ ବିଜେ ହୋଇ ଆସି ସର୍ବାଙ୍ଗ ଲାଗି ହେବା ପରେ ମହାଲକ୍ଷ୍ମୀ ଆଜ୍ଞାମାଳ ପାଇ ସେବକଙ୍କ ହାତରେ ବିଜେ ହୋଇ ସାତପାହାଚ ନିକଟରେ ଥିବା ପାଲିଙ୍କିରେ ବସି ଲକ୍ଷ୍ମୀ ମନ୍ଦିରକୁ ବିଜେ କରନ୍ତି । ଲକ୍ଷ୍ମୀଙ୍କ ଜଗମୋହନ ଖଟ ଉପରେ ମହାଲକ୍ଷ୍ମୀ ବିଜେ କଲେ ମାଜଣା, ବନକଲାଗି ଓ ବେଶ ବଢ଼େ । ଏହି ଅବସରରେ ଭିତରେ ମହାପ୍ରଭୁଙ୍କର ଅଭିଷେକ ବେଶ, ସୁନା ଅଳଙ୍କାର ଲାଗି (ସୁନାବେଶ) ଓ ମାଳଫୁଲ କର୍ପୂର ଲାଗି ବଢ଼ି ପାଣି ପଡ଼ିଲେ ଟେରା ବନ୍ଧାଯାଇ ଯାତ୍ରାଙ୍ଗ ଭୋଗ ରୋଷକୁ ଡକାଯାଏ । ରୋଷରୁ ଘଣ୍ଟ ଛତା କାହାଳୀଦି ସହ ପଟୁଆରରେ ଭୋଗ ଛାମୁକୁ ଆସେ । ମହାଲକ୍ଷ୍ମୀ ବାହୁଡ଼ା ବିଜେ କରି ଶ୍ରୀଅଙ୍ଗ ଲାଗି ହୁଅନ୍ତି । ଏହାପରେ ପ୍ରସାଦ ଲାଗି ବଢ଼େ । ଦଣ୍ଡଛତ୍ର ସଂସ୍କାର କରାଯାଇ ସିଂହାସନକୁ ଉଠେ । ଭିତରଛ ମହାପାତ୍ର ଲକ୍ଷ୍ମଣ ରୂପେ ଦଣ୍ଡଛତ୍ର ଓ ପାଳିଆ ଭଣ୍ଡାର ମେକାପ ହନୁମାନ ରୂପେ ଦଣ୍ଡଛତ୍ରର ମୂଳକୁ ଧାରଣ କରିଥାନ୍ତି । ଏହାପରେ ଷୋଡ଼ଶ ଉପଚାରରେ ପୂଜା ହୋଇଥାଏ । ପୂଜାବଢ଼ି ପାଣି ପଡ଼ିଲେ ତିନି ବାଡ଼ର ବନ୍ଦାପନା ବଢ଼େ । ମହାପ୍ରଭୁଙ୍କ ଠାରେ ଫୁଲ ଶର ଓ ଫୁଲ ଆୟୁଧ ଲାଗି ହୁଏ । ସିଂହାସନ ଉପରେ ଚାମର ଆଲଟ ଲାଗି ବଢ଼ି ସିଂହାସନ ତଳେ ମଧ ଚାମର ଆଲଟ ଲାଗି ଓ ଘଷା ବିଡ଼ିଆ ଦହି ମଣୋହି ବଢ଼ିଥାଏ । ଜଣେ ସେବକ ହାତରେ ବଇଠା ଧାରଣ କରି ଶ୍ରୀଜଗନ୍ନାଥଙ୍କ ବାଡ଼ରେ ଠିଆ ହୁଅନ୍ତି । ମଣିମା ମଣିମା ଡାକ ପଡୁଥାଏ । ଏହି ସମୟରେ ରାଜନୀତି ଓ ବନ୍ଦାପନା ବଢ଼ିଲେ ଫୁଲଧନୁ ଶର ଓ ଗଦି ପ୍ରସାଦ ମୈଲମ ହୋଇ ସିଂହାସନ ତଳକୁ ଆସେ ।

ଏହାପରେ ଦକ୍ଷିଣ ଘର ଭୋଗ ସରିଲେ ଶ୍ରୀରଘୁନାଥ ଭିତରେ ସିଂହାସନକୁ ବିଜେ ହୋଇ ଶ୍ରୀଅଙ୍ଗରୁ ଆଜ୍ଞାମାଳ ପାଇଲେ ହାତରେ ବିଜେ ହୋଇ ଆସି ସାତ ପାହାଚ ଦ୍ୱାର ନିକଟରେ ଥିବା ପାଲିଙ୍କିରେ ବିଜେ କରି ଲକ୍ଷ୍ମୀଙ୍କ ମନ୍ଦିରକୁ ବାହାର ଅଭିଷେକ ନିମନ୍ତେ ଯାଆନ୍ତି । ଏଠାରେ ଭଦ୍ରାସନରେ ବିଜେ କଲେ ମହାସ୍ନାନ ବଢ଼େ । ସରଘରରୁ ଭୋଗ ଆସି ଭୋଗ ବଢ଼ିଲେ ବନ୍ଦାପନା ପରେ ରଘୁନାଥ ବାହୁଡ଼ା ବିଜେ କରି ଦକ୍ଷିଣ ଘରକୁ ପ୍ରତ୍ୟାବର୍ତ୍ତନ କଲେ ଏହି ଉତ୍ସବ ସମାପ୍ତ ହୋଇଥାଏ । ସ୍କନ୍ଦ ପୁରାଣରେ କୁହାଯାଇଛି- ଯେଉଁ ବ୍ୟକ୍ତି ଏହି ପବିତ୍ର ପୁଷ୍ୟାଭିଷେକ ଯାତ୍ରାକୁ ଭକ୍ତି ଭାବରେ ଦର୍ଶନ କରନ୍ତି ସେ ସକଳ କାମନା ପୂର୍ଣ୍ଣ କରି ବୈଷ୍ଣବ ପଦ ପ୍ରାପ୍ତ ହୁଅନ୍ତି ।


ପୁଷ୍ୟସ୍ନାନୋତ୍ସବଂ ପୁଣ୍ୟଂ ଯେ ପଶ୍ୟନ୍ତି ମୁଦାନ୍ୱିତାଃ ।
ସମ୍ପନ୍ନସର୍ବକାମାସ୍ତେ ବ୍ରଜେୟୁର୍ବୈଷ୍ଣବଂ ପଦମ୍ ॥ (ସ୍କ.ପୁ.ଉ.୪୧।୨୪)


● *ଡଃ. ନରେଶ ଚନ୍ଦ୍ର ଦାଶ, ପ୍ରାକ୍ତନ ଅଧକ୍ଷ, ଦଇତାପଡ଼ା ସାହି, ପୁରୀ*

# ଶ୍ରୀମନ୍ଦିର ନୀତି ପରିକ୍ରମା

### ଶ୍ରୀମନ୍ଦିରରେ ଦେବ ଦୀପାବଳୀ ଆରମ୍ଭ :

ତା ୧୩.୧୨.୨୦ ରିଖ ରବିବାର ଦିନ ମାର୍ଗଶୀର କୃଷ୍ଣ ଚତୁର୍ଦ୍ଦଶୀ ତିଥି ଅବସରରେ ସଂଧ୍ୟାଧୂପ ଶେଷ ହେବା ପରେ ଶୁଦ୍ଧସୁଆରଙ୍କ ଦ୍ୱାରା



ସିଂହାସନ ତଳେ ଧୁଆଧୋଇ ହୋଇ ପୋଛ ମରାଯାଇଥିଲା । ପରେ ଭଣ୍ଡାର ମେକାପ ଚାଉଳରେ ଗୋଟିଏ ଗଛ କରିବା ସଙ୍ଗେ ସଙ୍ଗେ ପାଳିଆ ମେକାପ ବଇଠାରେ ଘିଅ ଦେଇ ଗଛମାନଙ୍କରେ ବତୀ ଲଗାଇଥିଲେ । ପରମ୍ପରା ଅନୁଯାୟୀ ୩ ଟି ସୁନା ଆଳତି ଲଗାଇଥିଲେ । ଏହାପରେ ପୂଜାପଣ୍ଡା ଉକ୍ତ ଚାଉଳଗଛ, ଦୀପ ସମୂହକୁ ସଂସ୍କାର କରି ପାଣି ପକାଇବା ପରେ ପୂଜାପଣ୍ଡା, ପତିମହାପାତ୍ର, ମୁଦିରସ୍ତଙ୍କ ଦ୍ୱାରା ବନ୍ଦାପନା ନୀତି ବଢ଼ିଥିଲା । ବନ୍ଦାପନା ସରିଲା ପରେ ୩ ଜଣ ପାଳିଆ ପୂଜାପଣ୍ଡା ମହାଦୀପ ଆଳତି କରିଥିଲେ ଓ ଜୟବିଜୟ ଦ୍ୱାର ନିକଟରେ ପାଳିଆ ପଢ଼ିଆରୀ କରିଥିବା ଚାଉଳ ଗଛକୁ ଜଣେ ପୂଜାପଣ୍ଡା ସଂସ୍କାର କରିଥିଲେ । ପରେ ୩ଜଣ ପୂଜାପଣ୍ଡା ଉକ୍ତ ମହାଦୀପକୁ ଆଣି ପାଳିଆ ଚୂନରା ହାତରେ ଦେଇଥିଲେ । ପାଳିଆ ଚୂନରା ତେଲ ଓ ଘିଅ ନେଇ ମନ୍ଦିର ଉପର ୩ ଦେଉଳରେ ଦୀପମାନ ଲଗାଇଥିଲେ ଏବଂ ଚନ୍ଦ୍ରଉଦିଆ ଜାଳି ରାଜାଙ୍କୁ ଆଶୀର୍ବାଦ କରିଥିଲେ ।

### ଶ୍ରୀମନ୍ଦିରରେ ମଧ ଦେବଦୀପାବଳୀ ଏବଂ ଅମାବାସ୍ୟା :

ତା ୧୪.୧୨.୨୦ ରିଖ ସୋମବାର ଦିନ ମାର୍ଗଶୀର ଅମାବାସ୍ୟା ନିମନ୍ତେ ସକାଳଧୂପ ସରି ପାଣିପଡ଼ିଲା ପରେ ଦକ୍ଷିଣ ଘରୁ ଅମାବାସ୍ୟା ଠାକୁର ସିଂହାସନକୁ ବିଜେ କରି ସେଠାରୁ ଆଜ୍ଞାମାଳ ପାଇବାରେ ପାଲିଙ୍କିକୁ ବିଜେ କରିଥିଲେ । ସିଂହଦ୍ୱାର ଦେଇ ସ୍ୱର୍ଗଦ୍ୱାରସ୍ଥ ଘାଟକୁ ବିଜେ ହୁଅନ୍ତେ ଶୀତଳଭୋଗ, ବନ୍ଦାପନା ହୋଇ ଗୌଡ଼ବାଡ଼ ସାହି, ହରଚଣ୍ଡୀ ସାହି ଦେଇ ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ କରିଥିଲେ ଏବଂ ସଂଧ୍ୟାଧୂପ ସରିଲା ପରେ ଶୁଦ୍ଧସୁଆର ସିଂହାସନ ତଳେ ପୋଛ ମାରିଥିଲେ । ଭଣ୍ଡାର ମେକାପ ଚାଉଳରେ ଗୋଟିଏ ଗଛ କରିବା ପରେ ପାଳିଆ ମେକାପ ବଇଠା ମାନଙ୍କରେ ଘିଅ ଦେଇ ଗଛମାନଙ୍କରେ ବତୀ ଲଗାଇଥିଲେ । ଏଥିରେ ୩ଗୋଟି ସୁନା ଆଳତି ଲଗାଇବା ପରେ ୩ଜଣ ପାଳିଆ ପୂଜାପଣ୍ଡା ସଂସ୍କାର କରିଥିଲେ । ଏହାପରେ ପୂଜାପଣ୍ଡା, ପତିମହାପାତ୍ର, ମୁଦିରସ୍ତ ସିଂହାସନକୁ ଯାଇ ବନ୍ଦାପନା କରିଥିଲେ । ପୁନର୍ବାର ୩ଜଣ ପାଳିଆ ପୂଜାପଣ୍ଡା ମହାଦୀପ ହାତରେ ଧରି ଜୟବିଜୟ ଦ୍ୱାର ଭିତର ପାଖେ ଆସ୍ଥାନ ପଢ଼ିଆରୀ ପୂର୍ବରୁ କରିଥିବା ଚାଉଳଗଛକୁ ଜଣେ ପୂଜାପଣ୍ଡା ସଂସ୍କାର କଲାପରେ, ତିନିଗୋଟି ମହାଦୀପକୁ ପୂଜାପଣ୍ଡା ନୀଳଚକ୍ରକୁ ଦେଖାଇ ପାଳିଆ ଚୂନରାକୁ ଦେଇଥିଲେ । ପାଳିଆ ଚୂନରା ଉକ୍ତ ମହାଦୀପ ସହିତ ତେଲ, ଘିଅ ନେଇ ମନ୍ଦିର ଉପରେ ଦୀପମାନ ଓ ଚନ୍ଦ୍ରଉଦିଆ ଜାଳି ରାଜାଙ୍କୁ ଆଶୀର୍ବାଦ କରିଥିଲେ ॥

### ଶ୍ରୀମନ୍ଦିରରେ ଶେଷ ଦେବଦୀପାବଳୀ, ଧନୁ ସଂକ୍ରାନ୍ତି ଓ ପହିଲି ଭୋଗ ଆରମ୍ଭ :

ତା ୧୫.୧୨.୨୦ ରିଖ ମଙ୍ଗଳବାର ଦିନ ଦେବଦୀପାବଳୀ ସମାପନ ନିମନ୍ତେ ପୂର୍ବଦିନ ପରି ଚାଉଳ ଗଛହେବା ପରେ ଦକ୍ଷିଣଘରୁ ଶ୍ରୀମଦନମୋହନ ସିଂହାସନକୁ ବିଜେ କରିଥିଲେ । ମୁଦିରସ୍ତ ପ୍ରସାଦ ଲାଗି କଲାପରେ ୩ଜଣ ପୂଜାପଣ୍ଡା ସଂସ୍କାର କରିଥିଲେ । ପରେ ପୂଜାପଣ୍ଡା, ପତିମହାପାତ୍ର, ମୁଦିରସ୍ତ ସିଂହାସନ ଉପରକୁ ଯାଇ ବନ୍ଦାପନା ନୀତି କରି ଓହ୍ଲାଇଥିଲେ । ମଦନମୋହନ, ଶ୍ରୀଦେବୀ, ଭୂଦେବୀ ଆଜ୍ଞାମାଳ ପାଇବା ପରେ ମହାଜନ ସେବକମାନେ ଠାକୁର, ଠାକୁରାଣୀଙ୍କୁ ହାତରେ ବିଜେ କରାଇ ଜୟବିଜୟ ଦ୍ୱାର ଭିତର ପାଖେ ହୋଇଥିବା ଚାଉଳ ଗଛ ନିକଟରେ



ଛିଡ଼ା ହୋଇଥିଲେ । ଏଠାରେ ପଣ୍ଡା ଉକ୍ତ ଚାଉଳ ଗଛକୁ ସଂସ୍କାର କରିଥିଲେ । ପଢ଼ିଆରୀ ଜୟବିଜୟ ଦ୍ୱାର ଫିଟାଇଲା ପରେ ମହାଜନମାନେ ଦିଅଁମାନଙ୍କୁ ଝୁଲଣମଣ୍ଡପ ତଳେ ଥିବା ବିମାନକୁ ବିଜେ କରାଇଥିଲେ । ରୁନ୍ଧାବଢ଼ି, ମାଳଫୁଲ ଲାଗି ହୋଇ ବିମାନବଡୁମାନଙ୍କ ଦ୍ୱାରା ବିମାନ ଜଗନ୍ନାଥବଲ୍ଲଭ ମଠକୁ ବିଜେ କରିଥିଲେ । ସେଠାର ମୂଳିଆ ସୁଆଁସିଆରେ ଦେଇଥିବା କାଠ ଭଦ୍ରାସନ ଉପରେ ଆସ୍ଥାନ ପଢ଼ିଆରୀ କରିଥିବା ଚାଉଳ ଗଛରେ ଦୀପ ବସାଇଥିଲେ । ମୁଦିରସ୍ତ ପ୍ରସାଦ ଲାଗି କଲାପରେ ପୂଜାପଣ୍ଡା ଚାଉଳଗଛକୁ ସଂସ୍କାର କରିଥିଲେ । ଏହାପରେ ମୁଦିରସ୍ତ ବନ୍ଦାପନା କଲାପରେ ବିଜେ ପ୍ରତିମାମାନେ ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ କରିଥିଲେ । ଏହି ଦିନ ଶ୍ରୀମନ୍ଦିରରେ ଧନୁ ସଂକ୍ରାନ୍ତି ନୀତି ପାଳିତ ହେବା ସହିତ ପହିଲି ଭୋଗ ଆରମ୍ଭ ହୋଇଥିଲା ।

### ଶ୍ରୀମନ୍ଦିରରେ ପ୍ରାବରଣ ବା ଓଢ଼ଣ ଷଷ୍ଠୀ :

ତା ୨୦.୧୨.୨୦ ରିଖ ରବିବାର ଦିନ ମାର୍ଗଶୀର ଶୁକ୍ଳ ଷଷ୍ଠୀ ତଥା ଓଢ଼ଣ ଷଷ୍ଠୀ ଅବସରରେ ଦୈନନ୍ଦିନ ନୀତି ପ୍ରକାରେ ସକାଳ ଧୂପ ସରି ପାଣିପଡ଼ିଲା ପରେ ପାଳିଆ ପୁଷ୍ପାଳକଙ୍କ ଦ୍ୱାରା ମୈଲମ ହୋଇଥିଲା । ଏହାପରେ ଭୋଗମଣ୍ଡପ ଘରେ ପୂର୍ବ ରାତ୍ରରେ ଅଧିବାସ ହୋଇ ରହିଥିବା ଭୋଗ ଝଙ୍ଗୁଡ଼ିକୁ ୩ଜଣ ପାଳିଆ ପୁଷ୍ପାଳକ ଏବଂ ପୂଜାପଣ୍ଡା, ପତିମହାପାତ୍ର, ମୁଦିରସ୍ତ ହାତରେ ଧରି ଘଣ୍ଟ, ଛତା, କାହାଳୀ ପଟୁଆରରେ ୩ ବେଢ଼ା ପରିକ୍ରମା କରି ସିଂହାସନକୁ ବିଜେ କରାଇଥିଲେ । ପାଗ ଓ ଘୋଡ଼ ଲାଗି ହୋଇ ୬ ମୂର୍ତ୍ତି ଅଳଙ୍କାର ଲାଗି ସହିତ ବେଶ ବଢ଼ିଥିଲା ଏବଂ ମୁଦିରସ୍ତ ପ୍ରସାଦ ଲାଗି କଲାପରେ ପୂଜାପଣ୍ଡା, ପତିମହାପାତ୍ର, ମୁଦିରସ୍ତ ବନ୍ଦାପନା କରିଥିଲେ । ଏହା ପରେ ପାଣିପଡ଼ି ମଧ୍ୟାହ୍ନ ଧୂପ ହୋଇଥିଲା ।

### ଶ୍ରୀମନ୍ଦିରରେ ପଣ୍ଡୁ ନୃସିଂହ ବିଜେ :

ତା ୨୯.୧୨.୨୦ ରିଖ ମଙ୍ଗଳବାର ଦିନ ଶ୍ରୀମନ୍ଦିରରେ ସକାଳ ଧୂପ ଶେଷ ହେବା ପରେ ପୁଷ୍ପାଳକ ସେବକମାନ ମଇଲମ ଓ ବେଶ କରିଥିଲେ ।



ଏହି ବେଶ ସମୟରେ ୧ ଖଣ୍ଡ ଆଜ୍ଞାମାଳ ଲାଗି ହୋଇଥିଲା । ମଧ୍ୟାହ୍ନ ଧୂପ ଓ ଦକ୍ଷିଣ ଘର ଭୋଗ ଶେଷ ହେବା ପରେ ମହାଜନ ସେବକମାନେ ଦକ୍ଷିଣ ଘରୁ ପଣ୍ଡୁ ନୃସିଂହ ଦେବଙ୍କୁ ରତ୍ନସିଂହାସନକୁ ବିଜେ କରାଇ, ଆଜ୍ଞାମାଳ ପ୍ରାପ୍ତି ପରେ ମୁକ୍ତିମଣ୍ଡପ ତଳେ ଥିବା ବିମାନକୁ ବିଜେ କରାଇଥିଲେ । ବିମାନବଡୁମାନେ ବିମାନଙ୍କୁ ଘରି ଆଶ୍ରମ ଭ୍ରମଣ କରାଇ ଶ୍ରୀମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିଥିଲେ ।

# ଶ୍ରୀମନ୍ଦିରରେ ବିଭିନ୍ନ ପର୍ବପର୍ବାଣୀ ଓ ଯାତ୍ରା

ଶ୍ରୀଜଗନ୍ନାଥଙ୍କର ପର୍ବପର୍ବାଣୀ ଓ ଯାନିଯାତ୍ରା ବିଭିନ୍ନ ସଂସ୍କୃତ ପୁରାଣ, ଧର୍ମଶାସ୍ତ୍ର, ସଂହିତା ଓ ଉପ ପୁରଣାଦି ଶାସ୍ତ୍ରମାନଙ୍କରେ ଲିପିବଦ୍ଧ । ମହାପ୍ରଭୁଙ୍କର ଅନେକ ଯାତ୍ରା ମଧ୍ୟରୁ ଦ୍ୱାଦଶ ଯାତ୍ରା ପ୍ରଧାନ ଅଟେ । ଏହି ପ୍ରଧାନ ଦ୍ୱାଦଶ ଯାତ୍ରା ସହିତ ଶ୍ରୀଜଗନ୍ନାଥଙ୍କ ପ୍ରତିଷ୍ଠା ଦିବସ (ବୈଶାଖ ଶୁକ୍ଳ ଅଷ୍ଟମୀ)ରେ 'ନୀଳାଦ୍ରି ମହୋଦୟ' ଉତ୍ସବ ଅନୁଷ୍ଠିତ ହୁଏ ।



ଏହି ତେର ଗୋଟି ମୁଖ୍ୟ ଯାତ୍ରାକୁ ଛାଡ଼ିଦେଲେ ପରବର୍ତ୍ତୀ କାଳରେ ଏହାର ସଂଖ୍ୟା ବୃଦ୍ଧି ହୋଇଛି । ଏଣୁ ଶ୍ରୀବିଗ୍ରହମାନଙ୍କର ଦ୍ୱାଦଶ ଯାତ୍ରା ବ୍ୟତୀତ ଶ୍ରୀମନ୍ଦିରରେ ପାଳନ କରାଯାଉଥିବା ଅନ୍ୟାନ୍ୟ ପର୍ବପର୍ବାଣୀ ଓ ଯାନିଯାତ୍ରାମାନଙ୍କ ତାଲିକା ଓ ପାଳନ ସମୟ ଯଥା : ମାସ, ପକ୍ଷ, ତିଥି ଇତ୍ୟାଦି ନିମ୍ନରେ ପ୍ରଦାନ କରାଗଲା ।

୧. ଅକ୍ଷୟ ତୃତୀୟା :- ବୈଶାଖ ମାସ ଶୁକ୍ଳ ପକ୍ଷ ତୃତୀୟାକୁ ଅକ୍ଷୟ ତୃତୀୟା କୁହାଯାଇଥାଏ । ଏହି ଦିନ ଚନ୍ଦନ ଯାତ୍ରା ଆରମ୍ଭ ହେବା ସହ ରଥ ନିର୍ମାଣ କାର୍ଯ୍ୟ ଅନୁକୂଳ ହୋଇଥାଏ ।

୨. ନୀଳାଦ୍ରି ମହୋଦୟାଷ୍ଟମୀ :- ବୈଶାଖ ଶୁକ୍ଳ ଅଷ୍ଟମୀ ତିଥିରେ ହୁଏ ।

୩. ଶ୍ରୀନୃସିଂହ ଜନ୍ମ :- ବୈଶାଖ ଶୁକ୍ଳ ଚତୁର୍ଦ୍ଦଶୀରେ ପାଳିତ ହୁଏ ।

୪. ଭଉଁରୀ ଯାତ୍ରା :- ଜ୍ୟେଷ୍ଠ କୃଷ୍ଣ ସପ୍ତମୀରେ ହୁଏ ।

୫. ଜଳକ୍ରୀଡ଼ା ଏକାଦଶୀ :- ଜ୍ୟେଷ୍ଠ କୃଷ୍ଣ ଏକାଦଶୀ ତିଥିରେ ହୋଇଥାଏ ।

୬. ସାବିତ୍ରୀ ଅମାବାସ୍ୟା :- ଜ୍ୟେଷ୍ଠ ଅମାବାସ୍ୟାରେ ପାଳିତ ହୁଏ ।

୭. ଶିବ ବିବାହ :- ଜ୍ୟେଷ୍ଠ ଶୁକ୍ଳ ପଞ୍ଚମୀରେ ପାଳିତ ହୁଏ ।

୮. ଶୀତଳ ଷଷ୍ଠୀ :- ଜ୍ୟେଷ୍ଠ ଶୁକ୍ଳ ଷଷ୍ଠୀରେ ପାଳିତ ହୁଏ ।

୯. ରାଜେନ୍ଦ୍ରାଭିଷେକ :- ଜ୍ୟେଷ୍ଠ ଶୁକ୍ଳ ଦଶମୀ ଦିନ ଅନୁଷ୍ଠିତ ହୁଏ ।

୧୦. ରଜ ସଂକ୍ରାନ୍ତି :- ମିଥୁନ ମାସ ସଂକ୍ରାନ୍ତିରେ ପାଳିତ ହୁଏ ।

୧୧. ରୁକ୍ମିଣୀ ବିବାହ :- ଜ୍ୟେଷ୍ଠ ଶୁକ୍ଳ ଏକାଦଶୀ ତିଥିରେ ପାଳିତ ହୁଏ ।

୧୨. ଚମ୍ପକ ଦ୍ୱାଦଶୀ :- ଜ୍ୟେଷ୍ଠ ଶୁକ୍ଳ ଦ୍ୱାଦଶୀରେ ପାଳିତ ହୁଏ ।

୧୩. ଅନବସର :- ଜ୍ୟେଷ୍ଠ ପୂର୍ଣ୍ଣିମା ଠାରୁ ଆଷାଢ଼ କୃଷ୍ଣ ଚତୁର୍ଦ୍ଦଶୀ ପର୍ଯ୍ୟନ୍ତ ୧୫ ଦିନ ହୋଇଥାଏ ।

୧୪. ଅଣସର ପଞ୍ଚମୀ ବା ଫୁଲରି ଲାଗି :- ଆଷାଢ଼ କୃଷ୍ଣ ପଞ୍ଚମୀ ଦିନ ଫୁଲରି ଲାଗି ନୀତି ଅନୁଷ୍ଠିତ ହୁଏ ।

୧୫. ଚକାବିଜେ :- ଆଷାଢ଼ କୃଷ୍ଣ ଦଶମୀ ତିଥିରେ ଚକାବିଜେ ନୀତି ହୁଏ ।

୧୬. ଖଳିଲାଗି ଏକାଦଶୀ :- ଆଷାଢ଼ କୃଷ୍ଣ ଏକାଦଶୀରେ ପାଳିତ ହୁଏ ।

୧୭. ରାଜପ୍ରସାଦ ବିଜେ :- ଆଷାଢ଼ କୃଷ୍ଣ ଦ୍ୱାଦଶୀ ଦିନ ଅନୁଷ୍ଠିତ ହୁଏ ।

୧୮. ଘଣାଲାଗି ଶ୍ରୀପୟର ପୂଜା :- ଆଷାଢ଼ କୃଷ୍ଣ ତ୍ରୟୋଦଶୀ ଦିନ ଘଣାଲାଗି ନୀତି ହୁଏ ଏବଂ ଶ୍ରୀପୟର ପୂଜା ହୁଏ ।

୧୯. ନେତ୍ର ଉତ୍ସବ ଓ ନବଯୌବନ ଦର୍ଶନ :- ଆଷାଢ଼ ଅମାବାସ୍ୟା ଦିନ ପାଳିତ ହୁଏ ।

୨୦. ଉଭାଯାତ୍ରା :- ଆଷାଢ଼ ଶୁକ୍ଳ ପ୍ରତିପଦାରେ ପାଳିତ ହୁଏ ।

୨୧. ଗରୁଡ଼ ଶୟନ :- ଆଷାଢ଼ ଶୁକ୍ଳ ଦ୍ୱାଦଶୀରେ ହୋଇଥାଏ ।

୨୨. ଚିତାଲାଗି :- ଶ୍ରାବଣ ଅମାବାସ୍ୟାରେ ହୋଇଥାଏ ।

୨୩. ବାଡ଼ି ନୃସିଂହ ବିଜେ :- ଶ୍ରାବଣ ଶୁକ୍ଳ ନବମୀରେ ହୋଇଥାଏ ।

୨୪. ଝୁଲଣ ଯାତ୍ରା :- ଶ୍ରାବଣ ଶୁକ୍ଳ ଦଶମୀ ଠାରୁ ଭାଦ୍ର ପ୍ରତିପଦ ପର୍ଯ୍ୟନ୍ତ ୭ ଦିନ ହୋଇଥାଏ । ମଝିରେ ତିଥି କ୍ଷୟ ଥିଲେ ନବମୀ ଠାରୁ ଆରମ୍ଭ ହୁଏ ।

୨୫. ବଳଭଦ୍ର ଜନ୍ମ ଓ ରାକ୍ଷି ଲାଗି :- ଶ୍ରାବଣ ପୂର୍ଣ୍ଣିମାରେ ହୋଇଥାଏ ।

୨୬. ରାହୁରେଖା ଲାଗି :- ଭାଦ୍ର କୃଷ୍ଣ ପଞ୍ଚମୀରେ ହୋଇଥାଏ ।

୨୭. ଜନ୍ମାଷ୍ଟମୀ :- ଭାଦ୍ର କୃଷ୍ଣ ଅଷ୍ଟମୀରେ ହୁଏ ।

୨୮. ନନ୍ଦୋତ୍ସବ :- ଭାଦ୍ର କୃଷ୍ଣ ନବମୀରେ ହୁଏ ।

୨୯. ଶ୍ରୀକୃଷ୍ଣ ଲୀଳା :- ଏହା ଭାଦ୍ରବ କୃଷ୍ଣ ନବମୀ ଠାରୁ ଭାଦ୍ର ଶୁକ୍ଳ ଦଶମୀ ପର୍ଯ୍ୟନ୍ତ ହୋଇଥାଏ ।

୩୦. ବନଭୋଜି ବେଶ :- ଭାଦ୍ରବ କୃଷ୍ଣ ଦଶମୀରେ ଶ୍ରୀବିଗ୍ରହମାନଙ୍କର ବନଭୋଜି ବେଶ, କୋଳି ବିକା, ବକାସୁର ଓ ଅର୍ଘାସୁର ବଧ ନୀତି ହୁଏ ।

୩୧. କାଳୀୟଦଳନ ବେଶ :- ଭାଦ୍ର କୃଷ୍ଣ ଏକାଦଶୀରେ ଶ୍ରୀମନ୍ଦିରରେ କାଳୀୟ ଦଳନ ବେଶ, ମାର୍କଣ୍ଡେୟ ପୁଷ୍କରିଣୀ ଠାରେ କାଳୀୟଦଳନ ନୀତି ହୁଏ ।

୩୨. ପ୍ରଳମ୍ବାସୁର ବଧ ବେଶ :- ଭାଦ୍ର କୃଷ୍ଣ ଦ୍ୱାଦଶୀ ଦିନ ହୁଏ ।

୩୩. କୃଷ୍ଣ ବଳରାମ ବେଶ :- ଭାଦ୍ର କୃଷ୍ଣ ତ୍ରୟୋଦଶୀ ଦିନ ହୁଏ ।

୩୪. ସପ୍ତପୁରୀ ଅମାବାସ୍ୟା ଓ ବସ୍ତ୍ରହରଣ :- ଭାଦ୍ର ଅମାବାସ୍ୟାରେ ହୁଏ ।

୩୫. ଶ୍ରୀଗଣେଶ ଜନ୍ମ :- ଭାଦ୍ର ଶୁକ୍ଳ ଚତୁର୍ଥୀରେ ହୁଏ ।

୩୬. ଋଷି ପଞ୍ଚମୀ ବ୍ରତ ଓ ଦାହ ଲୀଳା :- ଭାଦ୍ର ଶୁକ୍ଳ ପଞ୍ଚମୀରେ ହୁଏ ।

୩୭. ଶ୍ରୀରାଧାଷ୍ଟମୀ :- ଭାଦ୍ର ଶୁକ୍ଳ ଅଷ୍ଟମୀରେ ହୁଏ ।

୩୮. ଲବଣିଖିଆ, ମଥୁରା ହାଟ ଯୁର :- ଭାଦ୍ର ଶୁକ୍ଳ ଦଶମୀ ଦିନ ଏହି ନୀତି ଅନୁଷ୍ଠିତ ହୁଏ ।

୩୯. ଶ୍ରୀବାମନ ଜନ୍ମ ଓ ସୁନିଆଁ, ଗରୁଡ଼ ପାର୍ଶ୍ୱପରିବର୍ତ୍ତନ ଓ ଇନ୍ଦ୍ରଧ୍ୱଜ ପୂଜା :- ଭାଦ୍ର ଶୁକ୍ଳ ଦ୍ୱାଦଶୀରେ ହୁଏ ।

୪୦. ଅନନ୍ତ ବ୍ରତ :- ଭାଦ୍ର ଶୁକ୍ଳ ଚତୁର୍ଦ୍ଦଶୀରେ ହୋଇଥାଏ ।

୪୧. ଇନ୍ଦ୍ରୋତ୍ସବ :- ଭାଦ୍ର ପୂର୍ଣ୍ଣିମା ତିଥିରେ ହୁଏ ।

୪୨. ସହସ୍ର କୁମ୍ଭାଭିଷେକ ଓ ବିମଳାଙ୍କ ଷୋଡ଼ଶ ପୂଜାରମ୍ଭ :- ଆଶ୍ୱିନ କୃଷ୍ଣ ସପ୍ତମୀ ବା ଅଷ୍ଟମୀରେ ହୁଏ ।

୪୩. ଦ୍ୱିତୀୟା ଓଷା :- ଆଶ୍ୱିନ କୃଷ୍ଣ ଅଷ୍ଟମୀରେ ହୁଏ ।

୪୪. ଦଶହରା, ବିଜୟା ଦଶମୀ ଓ ଆୟୁଧ ପୂଜା :- ଆଶ୍ୱିନ ଶୁକ୍ଳ ଦଶମୀରେ ହୁଏ ।

୪୫. ରାଧାଦାମୋଦର ବେଶ :- ଆଶ୍ୱିନ ଶୁକ୍ଳ ଏକାଦଶୀ ଠାରୁ କାର୍ତ୍ତିକ ଶୁକ୍ଳ ଦଶମୀ ପର୍ଯ୍ୟନ୍ତ ଶ୍ରୀମନ୍ଦିରରେ ରାଧାଦାମୋଦର ବେଶ ଅନୁଷ୍ଠିତ ହୁଏ ।

୪୬. କୁମାର ପୂର୍ଣ୍ଣିମା ଓ ଦ୍ୟୁତକ୍ରୀଡ଼ା :- ଅଶ୍ୱିନ ପୂର୍ଣ୍ଣିମାରେ ହୁଏ ।

(ଉକ୍ତ ତଥ୍ୟଗୁଡ଼ିକ ୨୦୦୯ ମସିହା ମେ' ମାସରେ ପ୍ରକାଶିତ ଶ୍ରୀମନ୍ଦିର ସମାଚାରରୁ ସଂଗୃହୀତ ।)

(କ୍ରମଶଃ...)

*ପୂର୍ବ ପ୍ରକାଶିତ ଛଡାରୁ ....*

# ସ୍ୱତ୍ୱଲିପିରେ ଶ୍ରୀମନ୍ଦିର ନୀତି

## (୪୦)- ମାଘ ଶୁକ୍ଳ ସପ୍ତମୀ ବା ତିଳ ସପ୍ତମୀ

ସନ୍ଧ୍ୟାଧୂପ ବଢ଼ିବାପରେ ସପ୍ତମୀ ନିମନ୍ତେ ସୂର୍ଯ୍ୟଙ୍କ ଦେଉଳରେ ଠାକୁର ବେଶ ହୋଇ ପାଣି ଭୋଗ ବଢ଼ିବା ଉତ୍ତାରେ (ଖଞ୍ଜା ଭୋଗ) ବନ୍ଦାପନା ହୁଏ । ଏ ଉତ୍ତାରେ ଭିତରେ ଅନ୍ୟାନ୍ୟ ନୀତି ହୁଏ ।

## (୪୧)- ମାଘ ଶୁକ୍ଳ ଏକାଦଶୀ ବା ଭୌମ ଏକାଦଶୀ

ଭୋଗ ମଣ୍ଡପ ପରେ ପଞ୍ଚାମୃତ ମହାସ୍ନାନ ହୋଇ ମୈଲମ ହେବାପରେ ଘଟୁଆରୀ ଘରଠାରୁ ପଣ୍ଡା, ପତି, ମୁଦିରସ୍ତେ ସର୍ବାଙ୍ଗ ବିଜେ କରାଇ ଆଣି ଲାଗି କରାନ୍ତି । ୬ ମୂର୍ତ୍ତି ଅଳଙ୍କାର ଓ କର୍ପୂର ଲାଗି ହୋଇ ବେଶ ବଢ଼ିବ । ପାଣିପଡ଼ି ମଧ୍ୟାହ୍ନ ଧୂପ ଛେକ ଆସିଲେ ମୁଦିରସ୍ତେ ପ୍ରସାଦ ଲାଗି କରାନ୍ତି ।

ଷୋଡ଼ଶ ଉପଚାରରେ ପୂଜା ହୁଏ । ପରେ ୩ ବାଡ଼ରେ ବନ୍ଦାପନା ହୁଏ । ଏହାପରେ ଅନ୍ୟାନ୍ୟ ଦୈନନ୍ଦିନ ନୀତି ହୁଏ ।



## (୪୨)- ଗଜ ଉଦ୍ଧାରଣ ବେଶ

ଏହି ବେଶ ମାଘ ପୂର୍ଣ୍ଣିମା ଦିନ ହେବାର ନିୟମ ।

ଏ ବେଶ ବାସୁଦେବ ବାବାଜି କରାଉଥିଲେ । ବର୍ତ୍ତମାନ ଟ୍ରଷ୍ଟି ରାୟବାହାଦୁର ରମେଶ ଚନ୍ଦ୍ର ମିତ୍ର କରାନ୍ତି ।

ନିମ୍ନଲିଖିତ ସେବକମାନଙ୍କ ଦ୍ୱାରା ଏହି ନୀତିକାର୍ଯ୍ୟ ସମ୍ପନ୍ନ ହୁଏ-

୧- ତଳିଛ, ୨- ଭିତରଛ, ୩- ପଶୁପାଳକ, ୪- ଘଟୁଆରି, ୫- ପାଳିଆ ମେକାପ, ୬- ମହାଜନ ।

ମଧ୍ୟାହ୍ନ ଧୂପ ସରି ମୈଲମ ହେବାପରେ ତଳିଛ, ଭିତରଛ ଓ ମଝିବାଡ଼ରେ ଜଣେ ପାଳିଆ ପଶୁପାଳକ ଥାଇ ଭଣ୍ଡାର ଦ୍ୱାରଠାରୁ ୩ ଗୋଟା ରୂପା ପିଙ୍ଗଣରେ ଘଟୁଆରି ଆଣିଥିବା ଚନ୍ଦନ ପାଳିଆ ମେକାପ ଭିତରକୁ ନେଲେ ୩ ବାଡ଼ରେ ସର୍ବାଙ୍ଗ କରନ୍ତି । ଲକ୍ଷ୍ମୀ ଠାକୁରାଣୀ ମହାଜନେ ହାତରେ ବିଜେ ହୋଇ ଦକ୍ଷିଣଘର ଠାରେ ପଡ଼ିଥିବା ଖଟ ଶେଜ ଉପରେ ବିଜେ ହୁଅନ୍ତି । ଏହାପରେ ୩ ବାଡ଼େ ଗଜଉଦ୍ଧାରଣ ବେଶ ହୁଏ । ବେଶ ବଢ଼ିବା ପରେ ଲକ୍ଷ୍ମୀ ସିଂହାସନକୁ ବିଜେ କରି ଶ୍ରୀଅଙ୍ଗ ଲାଗି ହୁଅନ୍ତି । କର୍ପୂର ଲାଗି ଓ ସନ୍ଧ୍ୟା ଆଳତି ବଢ଼ି ଗଜ ଉଦ୍ଧାରଣ ବେଶ ଭୋଗ ସକାଶେ ଗୋଟିଏ ପଛ ଭୋଗ ମଣ୍ଡପ ହୁଏ । ପରେ ସାଧାରଣ ଦର୍ଶନ ହୁଏ । ଦର୍ଶନ ପରେ ମହାସ୍ନାନ ବଢ଼ି ଅନ୍ୟାନ୍ୟ ନୀତି ହୁଏ ।

ବିଶେଷ ଦ୍ରଷ୍ଟବ୍ୟ- ଏ ବେଶ ପୂର୍ବରେ ପୁରୀର ରାଣୀସାହେବ କରାଉଥିଲେ । ପରେ ବାସୁଦେବ ବାବାଜି କଲେ ।

## (୪୩)- ଶିବରାତ୍ରି

ଏହି ଯାତ୍ରା ଫାଲଗୁନ ମାସରେ ହୁଏ ।

ବଲ୍ଲଭ ଉତ୍ତାରେ ଭଣ୍ଡାର ଲୋକନାଥ ରାଜା ସୁପରିଂଟେଣ୍ଡେଣ୍ଟ ଦେଇଥିବା ନୂଆ ପାଟ ଆଦି ଲାଗିହେଲେ ଲୋକନାଥଙ୍କ ସେବକ ଆସି ଏହାଙ୍କୁ ହରିହର ଭେଟ ନିମନ୍ତେ ଲୋକନାଥଙ୍କ ମନ୍ଦିରକୁ ନିଅନ୍ତି । ଉକ୍ତ ମନ୍ଦିରରେ ହରିହର ଭେଟ ସରିବା ପରେ ବାହୁଡ଼ା ବିଜେ କରନ୍ତି ।

## (୪୪)- ଦୋଳଯାତ୍ରା

ଏହି ଯାତ୍ରା ଫାଲଗୁନ ଶୁକ୍ଳ ଦଶମୀଠାରୁ ପୂର୍ଣ୍ଣିମା ପର୍ଯ୍ୟନ୍ତ ହେବାର ନିୟମ ।

## ଦଶମୀ

ଏ ଦିନ ମଧ୍ୟାହ୍ନ ଧୂପ ସରିବାପରେ ୩ ବାଡ଼ ମୈଲମ ହୋଇ ନାଲି ଲୁଗା ଲାଗି ହୋଇବେ । ପରେ ପାଳିଆ ମେକାପ ଭଣ୍ଡାର ଘରଠାରୁ ଚନ୍ଦନ ବିଜେ କରାଇଲେ ସର୍ବାଙ୍ଗ ବଢ଼େ । ପରେ ଋଚିରି ବେଶ ନିମନ୍ତେ ଲକ୍ଷ୍ମୀ, ସରସ୍ୱତୀ ଦକ୍ଷିଣ ଘରଠାକୁ ବିଜେ କରିବେ । (ବସନ୍ତପଞ୍ଚମୀ ଦିନ ପରି ନୀତି ହୁଏ) ବିମାନରେ ଜଗନ୍ନାଥ ବଲ୍ଲଭକୁ ବିଜେ ହେବେ । ସେଠାରେ ଭୋଗ ଓ ଜଉଡାବ ଖେଳ ବଢ଼ିଲା ପରେ ବାହୁଡ଼ା ବିଜେ ହୋଇଆସି ବଟମୂଳେ ବିଜେ କରିବେ । ରୁନ୍ଧା ଫିଟି ପାଣି ଲାଗି ହୋଇ ଦୁଇଠାକୁରାଣୀ ଭିତରକୁ ଓ ଦୋଳଗୋବିନ୍ଦ ଦକ୍ଷିଣ ଘରକୁ ବିଜେ କରିବେ । ଏହାପରେ ଅନ୍ୟାନ୍ୟ ନୀତି ହୋଇ ପହୁଡ଼ ହୋଇବ ।

## ୬୮- (କ) ଏକାଦଶୀ

ଦୋଳଗୋବିନ୍ଦଙ୍କ ଜୟ-ବିଜୟ ଦ୍ୱାରଠାରେ ଏକାଦଶୀ ଭୋଗ ବନ୍ଦାପନା ସରିବା ପରେ ଦୁଇ ଠାକୁରାଣୀ ଭିତରୁ ବିଜେ କରି ଆସି ଜୟ-ବିଜୟ ଦ୍ୱାରଠାରେ ବିମାନକୁ ଯିବେ । ଜଗନ୍ନାଥ ବଲ୍ଲଭଠାକୁ ବିଜେ ହେବେ । ଅନ୍ୟାନ୍ୟ ନୀତି ଫଗୁ ଦଶମୀ ପରି ହୁଏ । ଏହିପରି ଦ୍ୱାଦଶୀ ଓ ତ୍ରୟୋଦଶୀ ପର୍ଯ୍ୟନ୍ତ ନୀତି ହୁଏ ।

## ୬୯- ଅଗ୍ନି ଉତ୍ସବ

ଏହି ଉତ୍ସବ ଫାଲଗୁନ ଶୁକ୍ଳ ଚତୁର୍ଦ୍ଦଶୀ ଦିନ ହୁଏ ।

ଏହି ଦିନ ମଧ୍ୟାହ୍ନ ଧୂପ ସରିବାପରେ ମୈଲମ ହେବା ପରେ ପାଳିଆ ମେକାପ ଭଣ୍ଡାଘରଠାରୁ ଚନ୍ଦନ ବିଜେ କରାଇନେଲେ ପଶୁପାଳକେ ସର୍ବାଙ୍ଗ ଲାଗି କରିବେ । ଏ ଉତ୍ତାରେ ଦୁଇ ଠାକୁରାଣୀ ଋଚିରି ବେଶ ନିମନ୍ତେ ଦକ୍ଷିଣ ଘରେ ପଡ଼ିଥିବା ଖଟଶେଯ ଉପରକୁ ମହାଜନ ହାତରେ ବିଜେ କରିବେ । ଦୋଳଗୋବିନ୍ଦ ଏହାଙ୍କ ସହିତ ବେଶ ହୋଇବେ । ପଶୁପାଳକେ ତିନିବାଡ଼ରେ ଋଚିରି ବେଶ ବଢ଼ାଇ ମାଳଫୁଲ କର୍ପୂର ଲାଗି କରିବେ । ଧୋ-ପଖାଳ ହେଲାପରେ ପାଳିଆ ପଢ଼ିଆରି ରୋଷକୁ ଋଚିରି ଡାକିଯିବ । ଋଚିରି ଭୋଗ ଉଠିଲା ଉତ୍ତାରେ ଦକ୍ଷିଣଘର ଭୋଗ ସରି ଠାକୁରମାନେ ଭିତରକୁ ବିଜେ କଲେ ମୁଦିରସ୍ତ ଶ୍ରୀଅଙ୍ଗରେ ପ୍ରସାଦ ଲାଗି କରିବେ । ପଣ୍ଡା ପଞ୍ଚୋପଚାରରେ ଭୋଗ କରିବେ । ଧୋ ପଖାଳ ହେଲାପରେ ପଣ୍ଡା, ପତି ଓ ମୁଦିରସ୍ତ ଘଟୁଆରି ଘରଠାରୁ ଘଣ୍ଟ, ଛତା, କାହାଳୀସହ ଚନ୍ଦନ ଫଗୁ ବିଜେ କରାଇ ଆଣି ଶ୍ରୀଅଙ୍ଗରେ ଲାଗି କରାଇବେ । ତିନିବାଡ଼ରେ ବନ୍ଦାପନା କରିବେ । ସିଂହାସନ ତଳେ ମୁଦିରସ୍ତେ ତିନିବାଡ଼ରେ ଝିମିରି ଫଗୁ ଅଞ୍ଜଳି କରିବେ । ମୁଦିରସ୍ତେ ଶ୍ରୀଅଙ୍ଗରେ ଚନ୍ଦନ ଫଗୁ ମୁଣି ଲାଗି କରିବେ । ଋମର ଆଲଟ କରିବେ । ପଣ୍ଡା ଆଜ୍ଞାମାଳ ଦେଲା ଉତ୍ତାରେ ମହାଜନେ ଠାକୁରଙ୍କୁ ହାତରେ ବିଜେ କରାଇ ନେଇ ଜୟ ବିଜୟ ଦ୍ୱାରଦେଇ, ମୁକ୍ତିମଣ୍ଡପ ଦେଇ ଲକ୍ଷ୍ମୀଙ୍କ ମନ୍ଦିରଠାରେ ତିନି ମୂର୍ତ୍ତିଙ୍କୁ ପଲଙ୍କରେ ବିଜେ କରାଇବେ । ଆଗରୁ ଖଟ ଶେଯ ମେକାପ ପଲଙ୍କ ପକାଇଥିବ । ଲକ୍ଷ୍ମୀ ନାରାୟଣଙ୍କ ହୋରି ଫଗୁ ଖେଳ ହେବ । ସମ୍ପ୍ରଦା ମାହାରି ଓ ମୁଦିରସ୍ତଙ୍କ ମଧ୍ୟରେ ଖେଳ ହେବ । ପରେ ପ୍ରସାଦ ଲାଗି ବନ୍ଦାପନା ହୋଇବ । ପରେ ମହାଜନେ ପଲଙ୍କରୁ ବିଜେ କରାଇ ଆଣି ଲକ୍ଷ୍ମୀ ମନ୍ଦିର ଠାରେ ଥିବା ବିମାନରେ ବିଜେ କରାଇ ବିମାନସହ ସିଂହଦ୍ୱାର ଦେଇ ଲଙ୍ଗୁଳି ମଠ ଦେଇ ଦୋଳବେଦୀ ଠାରେ ଅଗ୍ନି ଉତ୍ସବ ଘରକୁ ବିଜେ କରିବେ । ସେଠାରେ ପଣ୍ଡା ହୋମ କରିବେ । ହୋମ ବଢ଼ିବା ଉତ୍ତାରେ ପ୍ରସାଦ ଲାଗି ହୋଇ ଶୀତଳ ଭୋଗ ମଣୋହି ହୋଇ ଋମର ଆଲଟ ହେବ । ଅଗ୍ନି ଘରେ ନିଆଁ ଲଗାଯିବ । ବିମାନ ଅଗ୍ନି ଘର ଋରିଆଡ଼େ ସାତ ଘେରା ବୁଲିବେ । ବାହୁଡ଼ା ବିଜେ ହୋଇ ପୂର୍ବଦିନ ମାନଙ୍କପରି ବିଜେ ହୋଇବେ । ଏ ଉତ୍ତାରେ ଭିତରେ ବଡ଼ସିଂହାର ଭୋଗ ହୋଇ ଅନ୍ୟାନ୍ୟ ନୀତି ବଢ଼ିବ ।

*ଜାଣିବା କଥା ...*

# ଅଣାକ୍ଷର

**ପ୍ରଶ୍ନ ଓ ଉତ୍ତର :**

୧. ପ୍ର - ଶ୍ରୀମନ୍ଦିରରେ 'କଦଳୀ ବଡ଼ା'ର ଆବଶ୍ୟକତା କ'ଣ ଅଛି ?
ଉ - ଏହା ଏକ ପ୍ରକାର କଦଳୀ ପ୍ରସ୍ତୁତ ଭୋଗ । ଏହା ଠାକୁରଙ୍କର ବଡ଼ ସିଂହାର ଧୂପରେ ଲାଗି ହୋଇଥାଏ ।

୨. ପ୍ର - ଶ୍ରୀମନ୍ଦିରରେ 'କନକ ମୁଣ୍ଡେଇ' କହିଲେ କ'ଣ ବୁଝାଏ ?
ଉ - କନକ ମଣ୍ଡପ, କନକ ମୁକ୍ତି ଗମ୍ଭୀରା ଭିତରେ ବିଗ୍ରହମାନଙ୍କ ଉପରେ ନିର୍ମିତ କାଠର ମଣ୍ଡପ ।

୩. ପ୍ର - ଶ୍ରୀମନ୍ଦିରରେ 'କନ୍ଦର୍ପ ଋେରି' କହିଲେ କ'ଣ ବୁଝାଏ ?
ଉ - ମହାପ୍ରଭୁଙ୍କ ଦଅଣା ଋେରିକୁ ଶ୍ରୀମନ୍ଦିରରେ କନ୍ଦର୍ପ ଋେରି ବୋଲି ମଧ୍ୟ କୁହାଯାଇଥାଏ ।

୪. ପ୍ର - ଶ୍ରୀମନ୍ଦିରରେ 'କବାଟପକା ସେବକ'ଙ୍କ ଭୂମିକା କ'ଣ ?
ଉ - ବାହୁଡ଼ା ଯାତ୍ରା ଶେଷରେ ଶ୍ରୀବିଗ୍ରହମାନଙ୍କର ନୀଳାଦ୍ରି ବିଜେ ଦିନ ମା' ଲକ୍ଷ୍ମୀଙ୍କ ପକ୍ଷରୁ ଶ୍ରୀଜଗନ୍ନାଥଙ୍କୁ ଦ୍ୱାର ପକାଯାଉଥିବା ସେବକକୁ 'କବାଟ ପକା' କୁହାଯାଏ । ଏହି କାର୍ଯ୍ୟରେ ନିୟୋଜିତ ସେବକକୁ କବାଟପକା ସେବକ କୁହାଯାଏ ।

୫. ପ୍ର - ଶ୍ରୀମନ୍ଦିର ସେବା ପୂଜାରେ 'କମାର କଣା'ର ଅର୍ଥ କ'ଣ ?
ଉ - ଶ୍ରୀମନ୍ଦିରରେ ସମସ୍ତ କଣ୍ଟାଖିଲ ଓ ଲୁହା ଦ୍ରବ୍ୟ ଯୋଗାଇବା ସେବକ । ଆଶ୍ୱିନ ମାସ ଷୋଳ ପୂଜା ସମୟ ଅଷ୍ଟମୀ ତିଥିରେ କାକୁଡ଼ିଖାଇଙ୍କ ନିକଟରେ ବଳି ଦେଉଥିବା ସେବକ ।

୬. ପ୍ର - ଶ୍ରୀମନ୍ଦିର ପରିପ୍ରେକ୍ଷୀରେ 'କର୍ମାଙ୍ଗୀ'ର ଅର୍ଥ କ'ଣ ?
ଉ - ଏହା ମାଦଳା ପାଞ୍ଜିର ଏକ ଅଂଶ । ଏଥିରେ ଶ୍ରୀମନ୍ଦିରର ସେବକମାନଙ୍କ କାର୍ଯ୍ୟ ଓ ଦାୟିତ୍ୱ ଲିପିବଦ୍ଧ ହୋଇଥାଏ । ଏହା ଗଜପତି ରାଜା ରାମଚନ୍ଦ୍ର ଦେବ (ଦ୍ୱିତୀୟ)ଙ୍କ ନିର୍ଦ୍ଦେଶରେ ପାଞ୍ଜି ଲେଖା ଆରମ୍ଭ ହୋଇଥିଲା ।

*ସୌଜନ୍ୟ- ଶ୍ରୀମନ୍ଦିର ଶବ୍ଦକୋଷ- ଶ୍ରୀଜଗନ୍ନାଥ ଗବେଷଣା ପ୍ରତିଷ୍ଠାନ, ଭୁବନେଶ୍ୱର*

*ଯୁଗେ ଯୁଗେ ରଥଯାତ୍ରା .....*

# ୧୯୨୦ ମସିହା ପୁରୀ ରଥଯାତ୍ରା

(ଭାଗ-୫୫-ସଂଖ୍ୟା ୨୬ - ତା ୨୬ ରିଖ, ଜୁନ)

ରେଳ କର୍ତ୍ତୃପକ୍ଷଙ୍କର ନିଷେଧ ସତ୍ତ୍ୱେ ରଥଯାତ୍ରା ଦର୍ଶନାଭିଳାଷି ଯାତ୍ରୀମାନଙ୍କର ପରିମାଣ ଆଶାତୀତ ବୃଦ୍ଧି ହୋଇଥିଲା ଏବଂ ସମୟେ ୨ ସ୍ପେଶାଲ ଟ୍ରେନ ମଧ ଆସିଥିଲା । ଦେଖୁଁ ୨ ସହର ଓ ଗଳିମାନଙ୍କରେ ଥିବା ସାନ, ବଡ଼ପକ୍କା, କଚ୍ଛା



ପାଶ ଘର, ଧର୍ମଶାଳା ଏବଂ ଗୁଣ୍ଡିଚଘର ସର୍ନ୍ନିହିତ ଟିଣ ଘରମାନ ଯାତ୍ରି ପୂର୍ଣ୍ଣ ହୋଇଥିଲା । ସହରର ଅନତି ଦୂରବର୍ତ୍ତୀ ରାଉତରାପୁର ପ୍ରଭୃତି ଗ୍ରାମମାନଙ୍କରେ ଅନେକ ଯାତ୍ରୀ ଜଣ ପ୍ରତି ଏକ ଟଙ୍କା ଭଡ଼ାରେ ରହି ଯାଇଥିଲେ । ସହର ଭଡ଼ା ଯାତ୍ରୀ ପ୍ରତି ସ୍ଥାନ ବିଶେଷରେ ଦୁଇଟଙ୍କାରୁ ୫/୬ ଟଙ୍କା ପର୍ଯ୍ୟନ୍ତ ହୋଇଥିଲା । ବିଶେଷତଃ ଏକ ୨ ଆଶ୍ରା ବୃଷ୍ଟି ହେଉଥିବାରୁ ଗରିବ ଯାତ୍ରିମାନେ ବାହାରେ ପଡ଼ି ନପାରି ଭଡ଼ା ଘରେ ରହିବାକୁ ବାଧ ହୋଇଥିଲେ । ତିନି ଭାଗ ବଙ୍ଗାଳୀ ଅବଶିଷ୍ଟ ପଶ୍ଚିମା ଓ ଅନ୍ୟାନ୍ୟ ଯାତ୍ରା ଥିଲେ । ଶ୍ରୀଗୁଣ୍ଡିଚ଼ ଦିନ ବିଦେଶୀ ଯାତ୍ରୀ ସଂଖ୍ୟା ୪୦/୫୦ ହଜାର ହୋଇଥିଲା । ଦୋକାନିମାନେ ବେଶ୍ ଦୁଇ ପଇସା ଲାଭ କରିଥିଲେ କଂସାରି ଦୋକାନମାନଙ୍କରେ ଅଧିକ ବିକ୍ରୀ ହୋଇଥିଲା । ରାସ୍ତା, ପାଇଖାନା, ମିଉନିସିପାଲଟି ତରଫରୁ ଦୁଇବେଳା ସଫା ହେଉଥିଲା ଏବଂ ନର୍ଦ୍ଦମା ଓ ନାଳମାନଙ୍କରେ ଦୁର୍ଗନ୍ଧ ନିବାରକ ଚୂନ ପ୍ରଭୃତି ନିକ୍ଷିପ୍ତ ହେଉଥିଲେ ହେଁ ସ୍ଥାନେ ସ୍ଥାନେ ଦୁର୍ଗନ୍ଧ ବାହାରୁଥିଲା କିନ୍ତୁ ପୁନଃ ୨ବର୍ଷି ହେବାରୁ ତାହା ବହୁ ପରିମାଣରେ ନିବାରିତ ହୋଇଅଛି । ଯାତ୍ରୀ ସଂଖ୍ୟା ବୃଦ୍ଧି ସଙ୍ଗେ ଯାତ୍ରା ପୂର୍ବରୁ ଓଲାଉଠାର ଆବିର୍ଭାବ ହୋଇଥିଲା । ଦୁଇ ତିନି ଦିନ ମଧ୍ୟରେ ଶତାଧିକ ଯାତ୍ରୀ ଏହି ରୋଗରେ ଆକ୍ରାନ୍ତ ହୋଇ କଲେରା ହାସପିଟାଲକୁ ନୀତ ଓ ଚିକିତ୍ସିତ ହୋଇଥିଲେ । ରୋଗର ପ୍ରଥମାବସ୍ଥାରେ ଅଯଥା ବିଳମ୍ବ କରି ଯଥା ସମୟରେ ସମ୍ବାଦ ନ ଦେଇ ରୋଗିର ମୁମୂର୍ଷୁ ଅବସ୍ଥାରେ ପୁଲୀଶରେ ଏତଲା ଦେଉଥିବାରୁ ଅନେକ ସ୍ଥଳରେ ରୋଗୀ ହାସପିଟାଲରେ ପହଞ୍ଚିବା ବେଳକୁ ତାହାର ପ୍ରାଣାନ୍ତ ବା ତଦ୍ରୂପ ଅବସ୍ଥା ହୋଇଥାଏ । ମୃତ୍ୟୁ ସଂଖ୍ୟା ବୃଦ୍ଧିର ଏହା ଏକ ପ୍ରଧାନ କାରଣ । ପାଶ୍ ଘରବାଲା ଓ ପଣ୍ଡାମାନଙ୍କର ଏପ୍ରତି ସତର୍କ ଦୃଷ୍ଟି ରହିବା ଆବଶ୍ୟକ । ବିଦେଶରେ କେହି ସହଯାତ୍ରୀ ହଠାତ୍ ହଇଜାରେ ଆକ୍ରାନ୍ତ ହେଲେ ସଙ୍ଗୀ ଲୋକେ ଭୟରେ କିଂ କର୍ତ୍ତବ୍ୟ ବିମୂଢ଼ ହୋଇପଡ଼ନ୍ତି, ସେମାନଙ୍କୁ ସାହାସ ଦେଇ ଶୀଘ୍ର ୨ ରୋଗୀକୁ ହାସପିଟାଲ ପଠାଇଦେଲେ ସେଠାରେ ଚିକିତ୍ସାର ସୁବିଧା ଘଟେ ଏବଂ ଅଧିକାଂଶ ସ୍ଥଳରେ ରୋଗୀ ବଞ୍ଚିଯାଇଥାଏ ।

ଅନବସର ପନ୍ଦର ଦିନ ପରେ ଗତ ତା୧୬ରିଖ ପୂର୍ବାହ୍ନ ପ୍ରାୟ ଘ୮ଣ୍ଟାରେ ଶ୍ରୀଜିଉଙ୍କର ନବଯୌବନ ଦର୍ଶନ ଆରମ୍ଭ ହୋଇଥିଲା । ପୂର୍ବରୁ ଯଥାରୀତି ସିଂହଦ୍ୱାର ଚକଡ଼ାରେ ପଟା ଅର୍ଗଳୀ ଦିଆ ଯାଇଥିଲା । ଏକ ୨ଦଳ ଯାତ୍ରୀ ସେଠାରେ ରହି କ୍ରମଶଃ ମନ୍ଦିର ଭିତରକୁ ଯାଇ ଦର୍ଶନ କରିଥିଲେ । ଏଥିରେ ବିଳମ୍ବ ଘଟିବା ସ୍ୱାଭାବିକ ମାତ୍ର ନିର୍ବିଘ୍ନରେ ଯାତ୍ରିମାନଙ୍କର ଦର୍ଶନ ପକ୍ଷେ ଉପରୋକ୍ତ ବ୍ୟବସ୍ଥା ସମାଚୀନ । ଉକ୍ତ ଦିବସ ମଧ୍ୟାହ୍ନ ଘ୧୨ଣ୍ଟାରେ ଦର୍ଶନ ଶେଷ ହୁଅନ୍ତେ ନେତ୍ରୋତ୍ସବାଦିବିଧି ଅନୁଷ୍ଠିତ ହୋଇଥିଲା । ତା୧୭ରିଖ ଗୁରୁବାର ଉଭାଯାତ୍ରା ଦିନ ତିନିରଥକୁ ଆଜ୍ଞାମାଳ ଆସିବାପରେ ସରକାରୀ ପୁଲୀଶ ଯଥାନିୟମେ ମୁତଏନ ଥାଇ ଦଉଡ଼ି ଘେରା ହୋଇ ଅପରାହ୍ନ ଘ୪ଣ୍ଟାରେ ରଥଟଣା ଆରମ୍ଭ ହୋଇଥିଲା ଏବଂ ଘ୫୪ଣ୍ଟାରେ ତିନି ରଥ ସିଂହଦ୍ୱାରରେ ଉପନୀତ ହୋଇଥିଲେ ପୂର୍ବରୁ ରଥକାମ ସମସ୍ତ ଶେଷ ହୋଇଥିଲା ଏବଂ ଚିତ୍ର ମଣ୍ଡନାଦି ପୂର୍ବବତ୍ ହୋଇଥିଲା । ପରଦିନ ତା୧୮ରିଖ ଶୁକ୍ରବାର ଶ୍ରୀଗୁଣ୍ଡିଚ଼ ଏ ଦିନ ଖେଚଡ଼ି ଭୋଗ ଓ ରଥ ପ୍ରତିଷ୍ଠା ଶେଷ ହୋଇ ଠାକୁରମାନଙ୍କର ପହଣ୍ଡି ବିଜୟ ଆରମ୍ଭ ହୋଇଥିଲା ଏବଂ ମଧ୍ୟାହ୍ନ ଘ୧୨ଣ୍ଟାରେ ଠାକୁରମାନେ ରଥାରୂଢ଼ ହୋଇଥିଲେ । ସିଂହଦ୍ୱାର ପାଖ ଛାତମାନଙ୍କ ଉପରିସ୍ଥ ଛାମୁଣ୍ଡିଆ ତଳେ ଓ କେହି ୨ ଖୋଲା ଯାଗାରେ ଛତା ତଳେ ବସି ପହଣ୍ଡି ଦର୍ଶନ କରିଥିଲେ । କୋଠା ଘର ଛାତ ଓ ବଡ଼ଦାଣ୍ଡ ଏ ସମୟରେ କେବଳ ନରମୁଣ୍ଡମୟ ଦେଖା ଯାଉଥିଲା ଓ ହରିଧ୍ୱନିରେ ଉଚ୍ଛୁଳି ପଡୁଥିଲା । ପହଣ୍ଡି ଶେଷରେ ସାରଥୀ ସ୍ଥାପନ ଓ ଚାରମାଳ ଫିଟିବାରେ କିଛି ସମୟ ଅତୀତ ହୁଅନ୍ତେ ତିନି ରଥରେ ଦଉଡ଼ି ଲାଗି ଏକ ପରେ ଅପର ରଥ ଏକ ସଙ୍ଗେ ଟଣା ହୋଇଥିଲା । ରଥଟଣାର ଶେଷ ପର୍ଯ୍ୟନ୍ତ ଖରା, ବର୍ଷା ନ ଥାଇ ମେଘାଚ୍ଛନ୍ନ ଥିବାରୁ ଯାତ୍ରିମାନେ ଅକ୍ଳେଶରେ ରଥଟଣାରେ ଯୋଗ ଦେଇଥିଲେ । ସ୍ୱେଚ୍ଛାସେବକ ଦଳ ଯାତ୍ରିମାନଙ୍କୁ ଅକାତରେ ଜଳ ବିତରଣ କରିଥିଲେ । କୌଣସି ବାଧା, ବିଘ୍ନ ବା ଦୁର୍ଘଟନା ବ୍ୟତିରେକେ ସନ୍ଧ୍ୟାବେଳକୁ ତିନି ରଥ ଗୁଣ୍ଡିଚ଼ ମନ୍ଦିରରେ ଉପସ୍ଥିତ ହୋଇଥିଲେ । ତା୧୯ରିଖ ଶନିବାର ରଥ ଉପରେ ଶ୍ରୀଜୀଉଙ୍କର ସନ୍ଧ୍ୟାଧୂପ ପର୍ଯ୍ୟନ୍ତ ନୀତି ଶେଷରେ ସନ୍ଧ୍ୟା ଘ୭ଣ୍ଟାରେ ପହଣ୍ଡି ବିଜେ କରି ଠାକୁରମାନେ ରାତ୍ର ପ୍ରାୟ ଘ୧୧ଣ୍ଟାରେ ଗୁଣ୍ଡିଚ଼ ମନ୍ଦିର ସିଂହାସନରୋହଣ କଲେ । ସେ ରାତ୍ରରେ ଠାକୁରମାନଙ୍କର ଅବଶିଷ୍ଟ ଥିବା ବଡ଼ସିଂହାର ଭୋଗ ହୋଇଥିଲା ଏବଂ ପରଦିନ ରବିବାରଠାରୁ ଯଥା ନିୟମରେ ଅନ୍ନ ଭୋଗ ଓ ଦୈନିକ ଅନ୍ୟାନ୍ୟ ନୀତି ସମ୍ପାଦିତ ହେଉଥିଲା । ଶ୍ରୀ ଗୁଣ୍ଡିଚ଼ ଠାରୁ ଆଜି ପର୍ଯ୍ୟନ୍ତ ମେଘାଚ୍ଛନ୍ନ ଥାଇ ବେଳେ ୨ ବୃଷ୍ଟି ହେଉଅଛି । ଅଧିକାଂଶ ଯାତ୍ରୀ ଫେରି ଯାଇଅଛନ୍ତି ଏବଂ ସଙ୍ଗେ ୨ ଓଲାଉଠା ରୋଗିର ସଂଖ୍ୟା ହ୍ରାସ ପାଇଛି ।

## ଧୀବର ରଘୁବର ଦାସ

ପୁରୀ ଜିଲ୍ଲା ପିପିଲି ଗ୍ରାମର ଏକ ଧୀବର ପରିବାରରେ ରଘୁବରଙ୍କ ଜନ୍ମ । ମାଛ ଧରିବା ତାଙ୍କର କୌଳିକ ବ୍ୟବସାୟ ହୋଇଥିଲେ ମଧ ସେ ଥିଲେ ଶ୍ରୀଜଗନ୍ନାଥଙ୍କର ପରମ ଭକ୍ତ ଏବଂ ପରମ ଭାଗବତ । ମାଛ ନ ଧରିଲେ ତିନି ପ୍ରାଣୀ କୁଟୁମ୍ବ ଉପବାସ । ତେଣୁ ଇଚ୍ଛା ନଥାଇ ମଧ ମାଛ ଧରୁଥିଲେ । ଦିନେ ମାଛ ମାରିବା ସମୟରେ ଗୋଟାଏ ବଡ଼ ରୋହୀ ମାଛ ଜାଲରେ ପଡ଼ିବା ଦେଖି ଖୁସି ହୋଇଗଲେ । ମାଛକୁ କାଢ଼ି ଖାଳେଇରେ ଭର୍ତ୍ତି କଲାବେଳକୁ ତାଙ୍କୁ ମନେ ହେଲା ମାଛଟା ଯେପିର ନାରାୟଣଙ୍କୁ ଡାକୁଛି ।

ତାଙ୍କର ଭାଗବତ ବାଣୀ ମନେ ପଡ଼ିଲା- 'ସକଳ ଦେହେ ନାରାୟଣ' । ସେ ସଙ୍ଗେ ସଙ୍ଗେ ମାଛଟିକୁ ପାଣିରେ ଛାଡ଼ି ଦେଇ, ଜୀବହତ୍ୟା ନକରିବାକୁ ମନସ୍ଥ କରି, ନାରାୟଣଙ୍କ ସ୍ୱରୂପ ଜାଣିବାକୁ ଜଙ୍ଗଲକୁ ଚାଲି ଯାଇ ଉଗ୍ର ସାଧନାରେ ମଗ୍ନ ହେଲେ । ତାଙ୍କ ସାଧନା ଓ ଏକାନ୍ତ ଭକ୍ତିଭାବ ଶ୍ରୀଜଗନ୍ନାଥଙ୍କୁ ତାଙ୍କ ପାଖକୁ ଟାଣି ଆଣିଲା । ଶ୍ରୀଜଗନ୍ନାଥ ବ୍ରାହ୍ମଣ ବେଶରେ ତାଙ୍କୁ ପରୀକ୍ଷା କରି ଜାଣି ପାରିଲେ ରଘୁବର ହେଉଛନ୍ତି ପ୍ରକୃତ ଭକ୍ତ । ଏହାପରେ ଭଗବାନ ନିଜର ସ୍ୱରୂପ ପ୍ରକାଶ କଲେ ।

ପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରିବା ପରେ ସେ ଭକ୍ତି ଗଦ୍‌ଗଦ୍ ଚିତ୍ତରେ ଗ୍ରାମକୁ ଫେରିଲେ । ତା'ପରେ ଭଗବାନଙ୍କ ନାମ ନେଇ ଗ୍ରାମ ଗ୍ରାମ ବୁଲି ଭିକ୍ଷା ଗ୍ରହଣ କରି ସେଇ ଅନ୍ନରେ ମହାପ୍ରଭୁଙ୍କୁ ନୈବେଦ୍ୟ ଦେଇ ତାକୁ ପ୍ରସାଦ ଭାବେ ଗ୍ରହଣ କଲେ । ଏହାପରେ ଶ୍ରୀଜଗନ୍ନାଥଙ୍କ କୃପାରୁ ଭିକ୍ଷା ମାଗିବାକୁ ଯିବାକୁ ମଧ ପଡ଼ିଲାନି । ବହୁ ବଦାନ୍ୟ ଓ ଧର୍ମାତ୍ମା ବ୍ୟକ୍ତି ତାଙ୍କ ଘରେ ଆଣି ଛଞ୍ଚା ସଜାଡ଼ି ଦେଇଗଲେ । କ୍ରମଶଃ ତାଙ୍କର ସିଦ୍ଧି ଆସିବା ସହ ବାକ୍‌ସିଦ୍ଧ ହୋଇଗଲେ ।

ଥରେ ଗାଁ ମଣ୍ଡପ ଠାରେ ଭଜନ ଗାଇ ଗାଇ ତନ୍ମୟ ହୋଇ ପାଗଳ ପ୍ରାୟ ନୃତ୍ୟ କରିବା ଆରମ୍ଭ କରିଦେଲେ । ଏଇ ସମୟରେ ଗୋଟିଏ ଦୁଷ୍ଟ ପିଲା ତାଙ୍କ ପିଠିରେ କଣ୍ଟା ଫୋଡ଼ି ଦେଲା । ଲୁହାକଣ୍ଟା ବାଜି ରକ୍ତ ବୋହିବାରୁ କଷ୍ଟରେ ତାଙ୍କ ପାଟିରୁ ଅଭିଶାପ ବାହାରି ଆସିଲା । ତାଙ୍କ ଅଭିଶାପ ତତ୍‌କ୍ଷଣାତ୍ ଫଳିଗଲା ଏବଂ ପିଲାଟି ମୃତ୍ୟୁବରଣ କଲା । ଏ ଖବର ଅନ୍ୟ ପିଲାଙ୍କ ଠାରୁ  ପାଇ ଗ୍ରାମବାସୀ ତଥା ପିଲାର ବାପା ମା' ରଘୁବରଙ୍କ ପାଖକୁ ଆସି କ୍ଷମା ମାଗିଲେ । ରଘୁବରଙ୍କ କ୍ରୋଧ ଶାନ୍ତ ହେବାକ୍ଷଣି ନିଜର ଅଭିଶାପ ଫେରାଇ ଆଣି ପିଲାଟିକୁ ଉଠିବାକୁ କହି ଝାଡ଼ିଦେବା କ୍ଷଣି ସେ ଉଠି ବସିଲା । ଏହା ଚାରି ଆଡ଼େ ପ୍ରଚାରିତ ହେବା ରଘୁବରଙ୍କ ଭକ୍ତି ଉପରେ ଲୋକଙ୍କର ଆସ୍ଥା ବଢ଼ିଗଲା । ତାଙ୍କ ଘରକୁ ନୈବେଦ୍ୟର ସୁଅ ଛୁଟିଲା ।

ରଘୁବର ନୈବେଦ୍ୟ ସମର୍ପଣ କରି ଜଗନ୍ନାଥଙ୍କ ନାମ ନେଇ ସମୟ କାଟିଲେ । ହଠାତ୍ ତାଙ୍କର ଇଚ୍ଛା ହେଲା ପ୍ରଭୁଙ୍କୁ ହାତରେ ଖୁଆଇ ଦିଅନ୍ତେ । ତେଣୁ ଭକ୍ତି ଚିତ୍ତରେ ବ୍ୟଞ୍ଜନ ପ୍ରସ୍ତୁତ କରି ମହାପ୍ରଭୁଙ୍କୁ ସ୍ୱଦେହରେ ଆସିବାକୁ ଅନୁରୋଧ କଲେ ।  ଭକ୍ତର ଡାକ ଶୁଣି ଜଗନ୍ନାଥ କ୍ଷେତ୍ର ଛାଡ଼ି ଚାଲି ଆସିଲେ ରଘୁଙ୍କ ହାତରୁ ନୈବେଦ୍ୟ ଗ୍ରହଣ କରିବା ପାଇଁ  । ତେଣେ ଶ୍ରୀମନ୍ଦିରରେ ଭୋଗ ବସିଲା ପରେ ଚଳୁରେ ମହାପ୍ରଭୁ ଦେଖାଦେଲେ ନାହିଁ । ସେବକମାନଙ୍କ ମଧ୍ୟରେ ଚହଳ ପଡ଼ି କଥା ରାଜାଙ୍କ ପାଖକୁ ଗଲା । ମହାରାଜା ଗରୁଡ଼ସ୍ତମ୍ଭ ପାଖରେ ଅଧିଆ ପଡ଼ି ସ୍ୱପ୍ନରେ ଜାଣିଲେ ଭକ୍ତ ରଘୁଙ୍କ ପ୍ରାର୍ଥନାରେ ଜଗନ୍ନାଥ ପିପିଲି ଚାଲି ଯାଇଛନ୍ତି । ରାଜା ସଙ୍ଗେ ସଙ୍ଗେ ରଘୁବରଙ୍କ ଗ୍ରାମକୁ ଯାଇ ତାଙ୍କୁ ଆଲିଙ୍ଗନ କରି ଶ୍ରୀକ୍ଷେତ୍ର ଆସି ମହାପ୍ରଭୁଙ୍କ ନିକଟରେ ରହିବାକୁ ଆମନ୍ତ୍ରଣ କଲେ । ତଥା ଉପଯୁକ୍ତ ସମ୍ମାନସହ ତାଙ୍କୁ ଶ୍ରୀକ୍ଷେତ୍ର ଆଣି ମନ୍ଦିରର ଦକ୍ଷିଣ ପାର୍ଶ୍ୱରେ ଗୋଟିଏ ଚଉରୀ ଘର ନିର୍ମାଣ କରାଇ ରଖାଇଲେ । ତା'ସହ ଶ୍ରୀମନ୍ଦିରରୁ ପ୍ରତ୍ୟହ ମହାପ୍ରସାଦ ବ୍ୟବସ୍ଥା କଲେ । ସେଠାରେ ରଘୁବର ଆଜୀବନ ରହି ଶ୍ରୀଜଗନ୍ନାଥଙ୍କ ସେବାରେ ଦିନ କଟାଇଥିଲେ ।

*ସୁନୀଲ କୁମାର ରଥ, ଅବସରପ୍ରାପ୍ତ ରିଡ଼ର- ଉପର ନୂଆ ସାହି, ପୁରୀ*

# ଫଟୋରେ ଖବର...



ତା. ୧୨.୧୨.୨୦ରେ ନୀଳାଦ୍ରି ଭକ୍ତ ନିବାସ ଠାରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡଃ. କ୍ରିଷନ୍ କୁମାରଙ୍କ ଅଧ୍ୟକ୍ଷତାରେ ଆହୂତ 'ଛତିଶା ନିଯୋଗ' ବୈଠକ ।



ତା. ୧୫.୧୨.୨୦ରେ ଶ୍ରୀମନ୍ଦିରରେ ପହିଲି ଭୋଗ ଆରମ୍ଭ ।



ତା. ୧୬.୧୨.୨୦ରେ ଶ୍ରୀଜଗନ୍ନାଥ ମନ୍ଦିର ଉପବନ ପାଇଁ ପୁରୀ ଜିଲ୍ଲାର ସାରଙ୍ଗଯୋଡ଼ି ଗ୍ରାମପଞ୍ଚାୟତ ଅନ୍ତର୍ଗତ ପାହାଡ଼ଚୂଳ ଗ୍ରାମର ଶ୍ରୀ ବାମନ ଦାସ ବିଭିନ୍ନ ପ୍ରକାରର ଫୁଲ ଗଛ ଦାନ କରିଥିବାରୁ ଶ୍ରୀମନ୍ଦିର ପ୍ରଶାସକ (ନୀତି) ଶ୍ରୀ ଜିତେନ୍ଦ୍ର କୁମାର ସାହୁ ଏବଂ ପ୍ରଶାସକ (ଉନ୍ନୟନ) ଶ୍ରୀ ଅଜୟ କୁମାର ଜେନା ତାଙ୍କୁ ଶ୍ରୀବିଗ୍ରହଙ୍କ 'ଶ୍ରୀଅଙ୍ଗ ଲାଗି ଖଣ୍ଡୁଆ' ପ୍ରଦାନ ପୂର୍ବକ ସମ୍ମାନିତ କରୁଛନ୍ତି ।



ତା. ୧୮.୧୨.୨୦ରେ ନୀଳାଦ୍ରି ଭକ୍ତ ନିବାସ ଠାରେ ଜିଲ୍ଲାପାଳ ତଥା ଶ୍ରୀମନ୍ଦିର ଉପ-ମୁଖ୍ୟ ପ୍ରଶାସକ ଶ୍ରୀଯୁକ୍ତ ବଲୱନ୍ତ ସିଂଙ୍କ ଅଧ୍ୟକ୍ଷତାରେ ଆହୂତ 'ସେବାୟତ ଜନଗଣନା ପ୍ରଶିକ୍ଷଣ' କର୍ମଶାଳା ।



ତା. ୨୧.୧୨.୨୦ରେ ଶ୍ରୀମନ୍ଦିର ଉପ-ମୁଖ୍ୟ ପ୍ରଶାସକ ତଥା ଜିଲ୍ଲାପାଳ ଶ୍ରୀଯୁକ୍ତ ବଲୱନ୍ତ ସିଂଙ୍କ ଅଧ୍ୟକ୍ଷତାରେ 'ଶ୍ରୀମନ୍ଦିରରେ ଦର୍ଶନ ଆରମ୍ଭ' ନେଇ ସମୀକ୍ଷା ବୈଠକ ।



ତା. ୨୨.୧୨.୨୦ରେ ଶ୍ରୀମନ୍ଦିର ମୁଖ୍ୟ କାର୍ଯ୍ୟାଳୟ ଠାରେ ଶ୍ରୀମନ୍ଦିର ପ୍ରଶାସକ (ନୀତି) ଶ୍ରୀଯୁକ୍ତ ଜିତେନ୍ଦ୍ର କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଆହୂତ 'ପଞ୍ଜିକା ସମୀକରଣ' ବୈଠକ ।

# ଫଟୋରେ ଖବର...



ତା. ୨୩.୧୨.୨୦ରିଖ ପ୍ରାତଃ କାଳରୁ ତା. ୨୫.୧୨.୨୦ରିଖ ରାତ୍ର ପର୍ଯ୍ୟନ୍ତ ପ୍ରଥମ ପର୍ଯ୍ୟାୟରେ ଶ୍ରୀମନ୍ଦିର ସେବାୟତ ପରିବାର ସଦସ୍ୟମାନେ ସମସ୍ତ କୋଭିଡ୍ କଟକଣା ପାଳନ କରି ଶ୍ରୀଚତୁର୍ଦ୍ଧା ବିଗ୍ରହଙ୍କୁ ଦର୍ଶନ କରିବାର ସୌଭାଗ୍ୟ ଅର୍ଜ୍ଜନ କରିଥିଲେ ।



ତା. ୨୬.୧୨.୨୦ରେ ସିଂହଦ୍ୱାର ଠାରେ ପୁରୀ ସହରର ଭକ୍ତମାନେ ଶୃଙ୍ଖଳିତ ଧାଡ଼ି ବ୍ୟବସ୍ଥା ମଧ୍ୟରେ ବ୍ୟାରିକେଡ୍ ଦେଇ ଶ୍ରୀମନ୍ଦିରକୁ ପ୍ରବେଶ କରୁଛନ୍ତି ।



ତା. ୨୬.୧୨.୨୦ରେ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କୁ ଦର୍ଶନ ପାଇଁ ଦ୍ୱିତୀୟ ପର୍ଯ୍ୟାୟରେ ପୁରୀ ସହରର ଭକ୍ତମାନେ ନିଜର ପରିଚୟ ପତ୍ର ସ୍କାନିଂ ଏବଂ ସାନିଟାଇଜ୍ କରାଇ ଶ୍ରୀମନ୍ଦିରକୁ ପ୍ରବେଶ କରୁଛନ୍ତି ।



ଦର୍ଶନ ବ୍ୟବସ୍ଥା ଆରମ୍ଭ ହେବା ପରେ କୋଭିଡ୍ କଟାକଣା ଅନୁସାରେ ଭକ୍ତଙ୍କ ଥର୍ମାଲ୍ ସ୍କାନିଂ କରାଯାଉଛି ।







ତା. ୧୯.୧୨.୨୦ରେ ଶ୍ରୀମନ୍ଦିର ଚୌହଦୀ ଅନୁଧ୍ୟାନ କରୁଛନ୍ତି ଉନ୍ନୟନ କମିଶନର୍ ଶ୍ରୀଯୁକ୍ତ ସୁରେଶ ଚନ୍ଦ୍ର ମହାପାତ୍ର, ୫ଟି ସଚିବ ଶ୍ରୀଯୁକ୍ତ ଭି.କେ. ପାଣ୍ଡିଆନ୍, ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡଃ. କ୍ରିଷନ୍ କୁମାର, ଜିଲ୍ଲାପାଳ ଶ୍ରୀଯୁକ୍ତ ବଲୱନ୍ତ ସିଂ ଏବଂ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଶ୍ରୀଯୁକ୍ତ କେ.ଭି.ସିଂ ।

# ମହାତ୍ମାଙ୍କୁ ମର୍ଯ୍ୟାଦା ପ୍ରଦାନ କଲେ

ଶ୍ରୀଜଗନ୍ନାଥ ମହାପ୍ରଭୁ ହେଉଛନ୍ତି ମର୍ଯ୍ୟାଦା ପୁରୁଷୋତ୍ତମ । ଭକ୍ତମାନଙ୍କର ମନୋବାଞ୍ଛା ପୂରଣ କରନ୍ତି ବୋଲି ଭକ୍ତମାନେ ବିଶ୍ୱାସ କରନ୍ତି । ପତିତଜନଙ୍କୁ ଉଦ୍ଧାର କରିବା ପାଇଁ ବଡ଼ ଦେଉଳ ଉପରେ ପତିତପାବନ ବାନା ଉଡ଼ାଉଛନ୍ତି । ମାତ୍ର ସାଧୁ ସନ୍ଥ ମହାତ୍ମାମାନଙ୍କୁ ମହାପ୍ରଭୁ ଯଥାରୀତି ମର୍ଯ୍ୟାଦା ପ୍ରଦାନ କରିଥିବାର କାହାଣୀ ଓ କିମ୍ବଦନ୍ତିର ମଧ୍ୟ ବହୁଳ ପ୍ରମାଣ ରହିଛି । ବିଂଶ ଶତାବ୍ଦୀର ଶେଷ ଭାଗରେ ଘଟିଥିବା ପ୍ରତ୍ୟକ୍ଷ କାହାଣୀ ଜାଣିଲେ ପାଠକମାନେ ହୃଦୟଙ୍ଗମ କରିପାରିବେ ମହାପ୍ରଭୁ ମହାତ୍ମାଙ୍କୁ କିପରି ମର୍ଯ୍ୟାଦା ପ୍ରଦାନ କରନ୍ତି । ଅନ୍ତର୍ଜାତୀୟ ଦିବ୍ୟଜୀବନ ସଂଘର ପରମପୂଜ୍ୟ ସଭାପତି ସ୍ୱାମୀ ଚିଦାନନ୍ଦ ସରସ୍ୱତୀ ମହାରାଜ ହେଉଛନ୍ତି ଗଜପତି ମହାରାଜାଙ୍କର ଦୀକ୍ଷାଗୁରୁ । ଗଜପତି ମହାରାଜାଙ୍କ ଅନୁରୋଧ ରକ୍ଷାକରି ଗୁରୁଦେବ ମହାପ୍ରଭୁଙ୍କ ରଥଯାତ୍ରା ଦର୍ଶନ କରିବାକୁ ପୁରୀ ଆସିଥାନ୍ତି । ଶ୍ରୀନହରର ଛାତ ଉପରେ ଉପବେଶନ କରି ମହାପ୍ରଭୁଙ୍କୁ ରଥ ଉପରେ ଦର୍ଶନ କରୁଥାଆନ୍ତି । ଆପଣାର ଦିବ୍ୟ ଶରୀର ରୂପୀ ରଥ ଉପରେ ହୃଦୟ ସିଂହାସନରେ ବସାଇ ଜଗତ୍‌କର୍ତ୍ତାଙ୍କର ମାନସିକ ଭବ୍ୟ ଆରାଧନା କରୁଥାଆନ୍ତି । ମହାପ୍ରଭୁଙ୍କ ନନ୍ଦିଘୋଷ ରଥ ଆସି ଶ୍ରୀନହର ସାମ୍ନାରେ ଅଟକିଗଲା । ଶ୍ରୀନହରର ଅନ୍ତେବାସୀଗଣ ମହାପ୍ରଭୁଙ୍କୁ ମନଭରି ଦର୍ଶନ କଲେ । ହରିବୋଲ ହୁଳହୁଳି ଘଣ୍ଟଘଣ୍ଟା ବାଦ୍ୟ ସହିତ ଭକ୍ତମାନେ ରଥ ଦଉଡ଼ିକୁ ଧରି ଟାଣି ଟାଣି ଆଗକୁ ଚାଲିଲେ । ଶ୍ରୀ ସ୍ୱାମୀଜୀ ମହାରାଜଙ୍କ ମନରେ ଇଚ୍ଛାଟିଏ ଜାଗ୍ରତ ହେଲା । ମହାପ୍ରଭୁଙ୍କ ରଥ ଦଉଡ଼ି ଧରି ଭକ୍ତମାନଙ୍କ ଗହଣରେ ଟାଣି ନେବାର ସୁଯୋଗ ମହାପ୍ରଭୁ ମୋତେ ପ୍ରଦାନ କରନ୍ତେ କି ! ମନ କଥା ମନେର ରହିଲା । ମାତ୍ର ଏ କଥାକୁ ଅନ୍ତର୍ଯ୍ୟାମୀ ଅନ୍ତର୍ଗତେ ଜାଣିଗଲେ । ତିନି ରଥ ସେ ଦିନ ସନ୍ଧ୍ୟାସୁଦ୍ଧା ବଳଗଣ୍ଡିରେ ଯାଇ ଅଟକିଗଲା । ତା ପରଦିନ ସକାଳ ପ୍ରାୟ ଦଶଟା ବେଳକୁ ରଥଟଣା ଆରମ୍ଭ ହେବା କଥା । ପୂଜ୍ୟ ସ୍ୱାମୀଜୀ ମହାରାଜ କାରରେ ବସି କଟକ ଅଭିମୁଖେ ବାହାରି ଥାଆନ୍ତି । ପୋଲିସ୍ ତାଙ୍କ କାର୍‌କୁ ଠିକ୍ ମାର୍ଗରେ ଯିବା ପାଇଁ ବ୍ୟବସ୍ଥା କରିଥାଆନ୍ତି । ଏହି ସମୟରେ ପୋଲିସ୍ ସୁପରିଣ୍ଟେଣ୍ଡେଣ୍ଟ ଆସି ସ୍ୱାମୀଜୀଙ୍କୁ ଖବର ଦେଲେ ବର୍ତ୍ତମାନ ରଥଟଣା ହେବ । ଖୁବ୍ କମ୍ ସଂଖ୍ୟକ ଲୋକ ଅଛନ୍ତି । ପୋଲିସ୍‌ଙ୍କ ସହାୟତାରେ ରଥ ଦଉଡ଼ି ଧରି ଟାଣିବାରେ କିଛି ଅସୁବିଧା ହେବ ନାହିଁ । ଏ କଥା ଶୁଣୁ ଶୁଣୁ ସ୍ୱାମୀଜୀ ମହାରାଜ କାର୍‌ରୁ ଓହ୍ଲାଇ ତତ୍‌କ୍ଷଣାତ୍ ବଡ଼ଦାଣ୍ଡ ଉପରେ ଟଣା ହେଉଥିବା ରଥ ଦଉଡ଼ି ଧରି ଟାଣିବାକୁ ଲାଗିଲେ । ମହାପ୍ରଭୁ ସ୍ୱାମୀଜୀଙ୍କର ମନସ୍କାମନା ପୂରଣ କଲେ । ଗଜପତି ମହାରାଜାଙ୍କ ଦୀକ୍ଷାଗୁରୁ ମହାତ୍ମା ଚିଦାନନ୍ଦ ସରସ୍ୱତୀଙ୍କୁ ଉପଯୁକ୍ତ ମର୍ଯ୍ୟାଦା ପ୍ରଦାନ କଲେ । ଦିବ୍ୟଜୀବନ ସଂଘ କଟକ ଶାଖା ତରଫରୁ କଳାବିକାଶ କେନ୍ଦ୍ରଠାରେ ସେଦିନ ସନ୍ଧ୍ୟାରେ ଆୟୋଜିତ ସତ୍‌ସଂଗରେ ଏ କଥା ବର୍ଣ୍ଣନା କରୁ କରୁ ସ୍ୱାମୀଜୀଙ୍କ ଆଖି ଲୁହ ଛଳ ଛଳ ହୋଇଗଲା ।




*ଶ୍ରୀ ଶଂକର୍ଷଣ ମଂଗରାଜ*

*(ପୂର୍ବତନ କାର୍ଯ୍ୟକର୍ତ୍ତା, ପ୍ରସାର ଭାରତୀ) ମଙ୍ଗଳାଘାଟ ରୋଡ, ପୁରୀ-୧*


## ଜାନୁଆରୀ ମାସର ବିଶିଷ୍ଟ ଦିବସ

| | |
|---|---|
| ତା. ୯.୧.୨୧ ରିଖ ଶନିବାର | ଶ୍ରୀମନ୍ଦିରରେ ସଫଳା ଏକାଦଶୀ |
| ତା. ୧୩.୧.୨୧ ରିଖ ବୁଧବାର | ଶ୍ରୀମନ୍ଦିରରେ ବକୁଳ ଅମାବାସ୍ୟା ଓ ନବାଙ୍କ ବେଶ |
| ତା. ୧୪.୧.୨୧ ରିଖ ଗୁରୁବାର | ଶ୍ରୀମନ୍ଦିରରେ ମକର ସଂକ୍ରାନ୍ତି |
| ତା. ୨୩.୧.୨୧ ରିଖ ଶନିବାର | ଶ୍ରୀମନ୍ଦିରରେ ଶାମ୍ବ ଦଶମୀ |
| ତା. ୨୪.୧.୨୧ ରିଖ ରବିବାର | ଶ୍ରୀମନ୍ଦିରରେ ପୁତ୍ରଦା ଏକାଦଶୀ |
| ତା. ୨୮.୧.୨୧ ରିଖ ଗୁରୁବାର | ଶ୍ରୀମନ୍ଦିରରେ ଦେବାଭିଷେକ ଓ ପୁଷ୍ୟାଭିଷେକ ପୂର୍ଣ୍ଣିମା |



ତା. ୨୩.୧୨.୨୦ରେ ଦର୍ଶନାର୍ଥୀଙ୍କ ପାଇଁ ଶ୍ରୀମନ୍ଦିର ଖୋଲିବା ଦିନ ପୁଷ୍ପରେ ସଜ୍ଜିତ ସିଂହଦ୍ୱାର ।

**ଶ୍ରୀମନ୍ଦିର ନାଟମନ୍ଦିରରେ ସ୍ଥାପିତ 'ହୁଣ୍ଡି'ରେ ମୁକ୍ତ ହସ୍ତରେ ଦାନ କରନ୍ତୁ ।** *ଶ୍ରୀମନ୍ଦିର ପ୍ରଶାସନ, ପୁରୀ*

*ସୌଜନ୍ୟ-* OMC | ODISHA NEW OPPORTUNITIES


ବି.ଦ୍ର.: ପ୍ରକାଶିତ ପ୍ରବନ୍ଧଗୁଡ଼ିକରେ ଉପସ୍ଥାପିତ ମତାମତ ସମୂହ ସଂପୃକ୍ତ ଲେଖକମାନଙ୍କର ନିଜସ୍ୱ ଓ ସେଥିପାଇଁ ଶ୍ରୀମନ୍ଦିର ପ୍ରଶାସନ ଦାୟୀ ନୁହଁନ୍ତି ।



*Printed & Published by Shree Jagannath Temple Administration, Puri, Ph. : 06752-222002, Fax - 252100*

*E-mail : Jagannath.or@nic.in * Web Site : www.shreejagannatha.in*

*Printed at : Rama Press, North Gate, Puri, Mob. : 94370-222145*

*ମୂଲ୍ୟ : ଦୁଇଟଙ୍କା ମାତ୍ର*